R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୬୮
ତିଥି : ଷଷ୍ଠୀ
୨୪ ମାର୍ଚ୍ଚ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 168
24 March 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଡୋନାଲ୍ଡ ଟ୍ରମ୍ପଙ୍କ ଘୋଷଣା

# ଇରାନ ସହ ୫ ଦିନ ଯୁଦ୍ଧ ବିରତି



ନୂଆଦିଲ୍ଲୀ, ୨୩।୩ : ଆମେରିକା-ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଯେଉଁ ଆକ୍ରମଣ କରୁଥିଲେ ଏବଂ ଯୁଦ୍ଧ ଆରମ୍ଭ କରିଥିଲେ ତାହାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫ ଦିନ ଲାଗି ସ୍ଥଗିତ ରଖିବାକୁ ଘୋଷଣା କରିଛନ୍ତି। ଇରାନର ଶକ୍ତି କ୍ଷେତ୍ର ଉପରେ ଆକ୍ରମଣ କରିବାକୁ ଆମେରିକା ଧମକ ଦେଇଥିଲା। ୨୪ ଘଣ୍ଟାର ବିକଳ୍ପ ଦେଇଥିଲା। ମାତ୍ର ୨୪ ଘଣ୍ଟା ପୂର୍ବରୁ ଆମେରିକା ପଛକୁ ହଟିଛି। ଇରାନ ଉପରେ ଆକ୍ରମଣ ନ କରିବାକୁ ଟ୍ରମ୍ପ ଆମେରିକାର ଯୁଦ୍ଧ ବିଭାକୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଇରାନ ସହ କଥାବାର୍ତ୍ତା ସକରାତ୍ମକ ଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଟ୍ରମ୍ପ କହିଥିଲେ। ମାତ୍ର ଇରାନ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛି। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କୌଣସି ଆଲୋଚନା ହୋଇନାହିଁ ବୋଲି ସ୍ପଷ୍ଟ କରିଛି।

ଟ୍ରମ୍ପ ଉଲ୍ଲେଖ କରିଛନ୍ତି ଯେ ଆଲୋଚନା ସଫଳତା ଆଡକୁ ଯାଉଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ଗତ ଦୁଇଦିନ ମଧ୍ୟରେ ଆମେରିକା ଓ ଇରାନ ମଧ୍ୟରେ କଥାବାର୍ତ୍ତା ବେଶ୍ ଉପାଦେୟ ହୋଇଛି ଓ ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ସ୍ଥିତିକୁ ସ୍ୱାଭାବିକ କରିବା ଲାଗି ଉଭୟ ପକ୍ଷ ରାଜି ହୋଇଛନ୍ତି। ଏହାପରେ ଆରେମିକାର ଯୁଦ୍ଧ ବିଭାଗକୁ କୁହାଯାଇଛି ଯେ ଯୁଦ୍ଧ ସ୍ଥଗିତ ରଖିବା ସହ ଇରାନର ଶକ୍ତି ପ୍ରକଳ୍ପ ଓ ଶକ୍ତି ଭିତ୍ତିଭୂମି ଉପରେ ୫ ଦିନ ଯାଏ ଆକ୍ରମଣ ହେବନି। ଟ୍ରମ୍ପ ଏହା କହିବା ପରେ କାବୁଲରେ ଥିବା ଇରାନ ରାଷ୍ଟ୍ରଦୂତ କହିଛନ୍ତି ଯେ ଆମେରିକା ପଛକୁ ଫେରିଛି। (୯ ପୃଷ୍ଠାରେ)

- ଆଲୋଚନା ସକରାତ୍ମକ ହେଉଛି
- ଆମେରିକା ସହ ଆଲୋଚନା ହୋଇନି : ଇରାନ
- ୨୪ ଘଣ୍ଟିଆ ବିକଳ୍ପ ଧମକରୁ ଟ୍ରମ୍ପଙ୍କ ୟୁଟର୍ଣ୍ଣ

### ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତି ନେଇ ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ

# ପଶ୍ଚିମ ଏସିଆରେ ସ୍ଥିତି ଚିନ୍ତାଜନକ



ନୂଆଦିଲ୍ଲୀ, ୨୩।୩ : ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଓ ଭୂରାଜନୈତିକ ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଲୋକସଭାରେ ତାଙ୍କ ବୟାନ ରଖି ସମସ୍ତଙ୍କୁ ପ୍ରସ୍ତୁତ ରହିବାକୁ କହିଛନ୍ତି। ବର୍ତ୍ତମାନର ପରିସ୍ଥିତିକୁ କୋଭିଡ-୧୯ ମହାମାରୀ ସହ ସମାନ୍ତରାଳ ଭାବେ ବର୍ଣ୍ଣନା କରି ସବୁ ରାଜନୈତିକ ଦଳ ଓ ସରକାର ଏକାଠି ରହିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ପଶ୍ଚିମ ଏସିଆରେ ସ୍ଥିତି ଚିନ୍ତାଜନକ ରହିଛି ବୋଲି ମୋଦୀ କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ମଧ୍ୟପ୍ରାଚ୍ୟର ସ୍ଥିତି ଭାରତ ଲାଗି ଆହ୍ୱାନ ସୃଷ୍ଟି କରିଛି। ରାଜ୍ୟ ସରକାରଗୁଡ଼ିକୁ ସତର୍କ ରହିବାକୁ କୁହାଯାଇଛି। ତେବେ ଗ୍ୟାସ୍‌କୁ କିଛି ବ୍ୟବସାୟୀ ମହଜୁଦ ରଖିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତୁରନ୍ତ ଏହାକୁ ସମାଧାନ କରିବା ଲାଗି ଚେଷ୍ଟା କରାଯାଉଛି। ଯୁଦ୍ଧ ଯୋଗୁ ବିଶ୍ୱର ସ୍ଥିତି ଦୀର୍ଘ ସମୟ ଧରି ଅସୁବିଧାରେ ପଡ଼ିଛି। ଆମକୁ ପ୍ରସ୍ତୁତ ରହିବା ସହ ଏକାଠି ହେବାକୁ ପଡ଼ିବ। ମହାମାରୀ ସମୟରେ (୯ ପୃଷ୍ଠାରେ)

- ସତର୍କ ରହିବା ସହ ଏକାଠି ହେବା
- ସରକାର-ବିରୋଧୀ ଏକ ହେବାକୁ ଆହ୍ୱାନ
- ପ୍ରଭାବିତ ଦେଶରେ ରହୁଛନ୍ତି ୧ କୋଟି ଭାରତୀୟ

### ଗ୍ରୀଷ୍ମ ପ୍ରବାହ ଲାଗି ଶ୍ରମ ବିଭାଗର ନୂଆ ଗାଇଡଲାଇନ

# ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୩ ଯାଏଁ କାର୍ଯ୍ୟ ବନ୍ଦ

ଭୁବନେଶ୍ୱର, ୨୩।୩ (ସବ୍ୟୁ) : ଚଳିତ ବର୍ଷ ଏପ୍ରିଲ ମାସରେ ରୌଦ୍ରତାପ ବୃଦ୍ଧି ପାଉଥିବା ଦୃଷ୍ଟିରୁ ଗ୍ରୀଷ୍ମ ଋତୁରେ ସମ୍ଭାବ୍ୟ ଅଂଶୁଘାତ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏଣୁ ପ୍ରଚଣ୍ଡ ଖରାରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଚଳିତ ବର୍ଷ ଏପ୍ରିଲ ମାସ ୧ ତାରିଖରୁ ଜୁନ ମାସ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ଣ ୧୧:୦୦ ଘଣ୍ଟାରୁ ଅପରାହ୍ଣ ୩:୦୦ ଘଣ୍ଟା ମଧ୍ୟରେ ସୃଷ୍ଟ ପ୍ରଚଣ୍ଡ ରୌଦ୍ରତାପ ଜନିତ ଅଂଶୁଘାତରୁ ରକ୍ଷା କରିବା ପାଇଁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ବିହିତ ପଦକ୍ଷେପ ନେବା ନିମନ୍ତେ ସମସ୍ତ ରାଜସ୍ୱ କମିଶନର, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରାଯାଇଅଛି।

ଏତଦ୍ୱାରା ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗ ତଥା ଓଡ଼ିଶାରେ ଥିବା ଭାରତ ସରକାରଙ୍କର ସମସ୍ତ ବିଭାଗ, ବେସରକାରୀ ନିଯୁକ୍ତିଦାତା, ସମସ୍ତ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଏବଂ ଠିକାଦାରମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନଙ୍କର ଅଧୀନରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଚଳିତ ଏପ୍ରିଲ ୧ ତାରିଖରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ନିମନ୍ତେ ପ୍ରତ୍ୟୋହ ପୂର୍ବାହ୍ଣ ୧୧:୦୦ ଘଣ୍ଟାରୁ ଅପରାହ୍ଣ ୩:୦୦ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟରେ ନ ଲଗାଇବାକୁ ବିବନ୍ଧ ବ୍ୟବସ୍ଥା ଗ୍ରହଣ କରିବେ ଓ ଆବଶ୍ୟକ ସ୍ଥଳେ କାର୍ଯ୍ୟନିର୍ଘଣ୍ଟର ସମୟ ପରିବର୍ତ୍ତନ କରିବେ।

ଯଦି କୌଣସି କାର୍ଯ୍ୟ ଜରୁରୀ ବୋଲି ମନେହୁଏ କିମ୍ବା ଅତ୍ୟାବଶ୍ୟକୀୟ ସେବା ସହ ଜଡ଼ିତ ଯେଉଁଥିରେ କି ଶ୍ରମିକମାନଙ୍କୁ ଉପରୋକ୍ତ ସମୟ ପାଇଁ ବିଶ୍ରାମ ଦିଆଯାଇପାରିବ (୯ ପୃଷ୍ଠାରେ)

## ଗୃହରେ ଥମୁନି ଏସ୍‌ସିବି ନିଆଁ ତାତି

ଭୁବନେଶ୍ୱର, ୨୩।୩ (ସବ୍ୟୁ): ବିଧାନସଭାରେ ଥମୁନି ଏସସିବି ନିଆଁ। ଅଗ୍ନିକାଣ୍ଡ ଘଟଣାକୁ ୫ ଦିନ ବିତିଯାଇଥିଲେ ମଧ୍ୟ ବିରୋଧୀ ଜିଦରେ ହଟଳା ଗୋଟିଏ ଦାବି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା। ଫଳରେ ପ୍ରଥମାର୍ଦ୍ଧ ଚାଲିପାରୁନି, ଦ୍ୱିତୀୟାର୍ଦ୍ଧ ବିନା ବିରୋଧରେ ଖର୍ଚ୍ଚ ଦାବି ପାରିତ ହେଉଛି। ଏଭଳି ଅସ୍ୱାଭାବିକ ପରିସ୍ଥିତିରେ କେବେ ପୂର୍ଣ୍ଣଚ୍ଛେଦ ପଡିବ ତାହା ଦେଖିବାକୁ ବାକି ଅଛି।

ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ଏସସିବି ନିଆଁ ଘଟଣାରେ କମ୍ପିଥିଲା ଗୃହ। ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟ ଗୃହ ମଧ୍ୟଭାଗକୁ ଚାଲି ଆସିଲେ। ହାତରେ ଥିଲା ପୋଷ୍ଟର ଓ ପ୍ଲାକାର୍ଡ।

# ବିଜେଡି, କଂଗ୍ରେସ ସଭ୍ୟଙ୍କ ହଟ୍ଟଗୋଳ



ନାରାଥିଲା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଆମର ଦାବି। ହଟଗୋଳ ମଧ୍ୟରେ ପ୍ରଶ୍ନ ନମ୍ବର ୪୮୧ ଏବଂ ୪୮୨ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ କେବଳ ଶାସକ ଦଳ ସଭ୍ୟମାନେ ଭାଗ ନେଇଥିଲେ। ବିରୋଧୀ ସଭ୍ୟମାନେ ବାଚସ୍ପତିଙ୍କ ପୋଡିୟମ ତଳେ ହଙ୍ଗାମା ଜାରି ରଖିଥିଲେ। ଗୃହରେ ଅସ୍ୱାଭାବିକ ସ୍ଥିତି ଉପୁଜିବାରୁ ପୂର୍ବାହ୍ଣ ୧୦.୪୪ରୁ ୧୧.୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ବାଚସ୍ପତି।

ଶୂନ୍ୟକାଳ ଆରମ୍ଭ ହେବା କ୍ଷଣି ବିଜେଡି ଓ କଂଗ୍ରେସ ସଭ୍ୟମାନେ ଗୃହମଧ୍ୟଭାଗରେ ହଟଗୋଳ କରିଥିଲେ। ପ୍ରସଙ୍ଗ ଥିଲା ଏସସିବି ନିଆଁ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି। ବାଚସ୍ପତି ସୁରମା ପାଢ଼ୀ କହିଥିଲେ, ଶୂନ୍ୟକାଳ ଏକ ଗୁରୁତ୍ୱପୂର୍ଣ୍ଣ ଓ ବିରୋଧୀ ସଭ୍ୟମାନେ ଏଥିରେ ଭାଗ ନେଇ (୯ ପୃଷ୍ଠାରେ)

### ପ୍ରଥମାର୍ଦ୍ଧ ଚାଲିପାରୁନି, ଦ୍ୱିତୀୟାର୍ଦ୍ଧ ବିନା ବିରୋଧୀରେ ଚାଲୁଛି

# ୨୦୨୫ରେ ୨୯୯୪ ଦୁଷ୍କର୍ମ ମାମଲା

ଭୁବନେଶ୍ୱର, ୨୩।୩ (ସବ୍ୟୁ) : ୨୦୨୫ରେ ମହିଳାମାନଙ୍କ ଉପରେ ଅପରାଧ ଘଟଣା ବୃଦ୍ଧି ପାଉଛି। ୨୦୨୫ରେ ଦୁଷ୍କର୍ମ ମାମଲା ୨୯୯୪ ରିପୋର୍ଟ ହୋଇଥିବାବେଳେ ବଳାତ୍କାର ଉଦ୍ୟମ ଲାଗି ୧୧୫ ମାମଲା ପଞ୍ଜିକୃତ ହୋଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ସୂଚନା ଦେଇଛନ୍ତି।

ବିଧାୟକ ଚକ୍ରମଣି କହଁରଙ୍କର ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି ଯେ ଭାରତୀୟ ନ୍ୟାୟ ସଂହିତାର ୬୯ ଅନୁଯାୟୀ ୭୦୨ ମାମଲା ରିପୋର୍ଟ ହୋଇଛି। ସେହିଭଳି ୭୩୨୨ ଅସଦାଚରଣ, ଯୌନ ନିର୍ଯାତନା ୧୧୮୩, ସାଧାରଣ ସ୍ଥାନରେ ମହିଳାଙ୍କୁ ଅସଦ୍‌ବ୍ୟବହାର କରିବା ୧୪୪୮, ମହିଳାଙ୍କୁ ଏସିଡ୍ ଆକ୍ରମଣ ଉଦ୍ୟମ ଗୋଟିଏ, ଷ୍ଟକିଂ ୪୮୫, ମହିଳା ଚାଲାଣ ୧୧୧, ମହିଳା ଅପହରଣ ୭୩୭୮, ଘରୋଇ ଯୌତୁକ ମାମଲା ୧୪୫, ଯୌତୁକଜନିତ ଆତ୍ମହତ୍ୟା ୭୭, ଯୌତୁକ ନିର୍ଯାତନା ୪୩୬୧, ଅଣଯୌତୁକ ନିର୍ଯାତନା ୫୪୧୯ ପଞ୍ଜିକୃତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ରମେଶଙ୍କ ସଭ୍ୟପଦ ରଦ୍ଦ ଲାଗି କଂଗ୍ରେସର ଆବେଦନ



ଭୁବନେଶ୍ୱର, ୨୩।୩ (ସବ୍ୟୁ) : ସଦ୍ୟସମାପ୍ତ ରାଜ୍ୟସଭା ନିର୍ବାଚନରେ ବିଧାୟକମାନେ କରିଥିବା କ୍ରସ୍ ଭୋଟିଂ ବିବାଦ ଥମିବାର ନାଁ ଧରୁନି। କଂଗ୍ରେସ ବିଧାୟକ ରମେଶ ଜେନାଙ୍କ ସଭ୍ୟ ପଦ ରଦ୍ଦ କରିବା ଲାଗି କଂଗ୍ରେସ ପକ୍ଷରୁ ବାଚସ୍ପତିଙ୍କୁ ପତ୍ର ଲେଖାଯାଇଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ଏହି ଚିଠି ଲେଖିଛନ୍ତି। ଦଳୀୟ ନିଷ୍ପତ୍ତି ନ ମାନି ରମେଶ ଜେନା ଭୋଟ୍ ଦେଇଥିବାରୁ ତାଙ୍କ ସଭ୍ୟପଦ ରଦ୍ଦ କରାଯାଉ ବୋଲି ଉଲ୍ଲେଖ କରାଯାଇଛି।

ଆଜି ବାଚସ୍ପତି ସୁରମା ପାଢ଼ୀଙ୍କୁ ପିସିସି ସଭାପତି ଭକ୍ତଚରଣ ଦାସ ଓ ବିଧାୟକ ଦଳର ନେତା ଶ୍ରୀ କାଡାମ ସାକ୍ଷାତ କରିଥିଲେ। ତାଙ୍କୁ ଏହି ଚିଠି ହସ୍ତାନ୍ତର କରାଯାଇଥିଲା। ବାଚସ୍ପତି ଆଇନ୍‌ର ତର୍ଜମା କରି ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ ସଦ୍ୟସମାପ୍ତ ହୋଇଥିବା ରାଜ୍ୟସଭା ନିର୍ବାଚନରେ କଂଗ୍ରେସର ୩ ବିଧାୟକ କ୍ରସ୍ ଭୋଟିଂ କରିଥିଲେ। ସେମାନେ ଦଳୀୟ ନିଷ୍ପତ୍ତିକୁ ଅବମାନନା କରି ବିଜେପି (୯ ପୃଷ୍ଠାରେ)




# ବଢ଼ିବ ଲୋକସଭା ଆସନ ସଂଖ୍ୟା



ନୂଆଦିଲ୍ଲୀ, ୨୩।୩ : ଲୋକସଭାରେ ଆସନ ସଂଖ୍ୟା ବୃଦ୍ଧି ହୋଇପାରେ। ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ଲାଗି କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ୨୦୧୧ ଜନଗଣନା ଆଧାରରେ ମହିଳା ସଂରକ୍ଷଣ ଆଇନ ଲାଗୁ ହେବ। ଫଳରେ ଲୋକସଭାରେ ଆସନ ସଂଖ୍ୟା ୫୪୩ ରୁ ୮୧୬ କୁ ବୃଦ୍ଧି ପାଇବ। ୨୭୩ ଆସନ ମହିଳା ମାନଙ୍କ ଲାଗି ସଂରକ୍ଷଣ ରହିବ।

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମହିଳା ସଂରକ୍ଷଣ ଆଇନ ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳ ସହ ଆଲୋଚନା କରିଛନ୍ତି। ଏନସିପି(ଏସପି) ବିଜେଡି, ସିବସେନା (ଉଦ୍ଧବଠାକରେ) ଏବଂ ୱାଇଏସଆର କଂଗ୍ରେସ ନେତାଙ୍କ ସହ ସାକ୍ଷାତ କରିଛନ୍ତି। କଂଗ୍ରେସ ଓ ଟିଏମସିଙ୍କ ସହ କୌଣସି ବୈଠକ ଅନୁଷ୍ଠିତ ହୋଇନାହିଁ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ସର୍ବଦଳୀୟ ବୈଠକ ଡାକିବାକୁ ପ୍ରସ୍ତାବ ଦେଇଛନ୍ତି। ୨୦୨୩ରେ ନାରୀ ଶକ୍ତି ବନ୍ଦନ ଆଇନ ପାଳିତ ହୋଇଥିଲା। ଏହି ଆଇନ ମାଧ୍ୟମରେ ଲୋକସଭା , ରାଜ୍ୟସଭା ଓ ସମସ୍ତ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ହୋଇଥିଲା। ୩ ବର୍ଷ ପରେ ସରକାର ଏହି ଆଇନରେ ସଂଶୋଧନ କରିବାକୁ ଯାଉଛନ୍ତି। ଏହା ଦ୍ୱାରା ଲୋକସଭା ସାଂସଦଙ୍କ ସଂଖ୍ୟା ୮୧୬ ଛୁଇଁବ। ୨୦୧୧ ଜନଗଣନା ଆଧାରରେ ଆସନର ସୀମା ନିର୍ଦ୍ଧାରଣ କରାଯିବ ବୋଲି କୁହାଯାଉଛି। ରାଜ୍ୟରେ ଲୋକସଭା ଏବଂ ବିଧାନସଭା ଆସନରେ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ହେବ। ସମ୍ବିଧାନର ଏହି ସଂଶୋଧନ ପାଇଁ ୨ ତୃତୀୟାଂଶ ବହୁମତ ଆବଶ୍ୟକ। ବିଜେପିର ଲୋକସଭାରେ ୨୪୦ ଓ ରାଜ୍ୟସଭାରେ ୧୦୩ ସାଂସଦ ଅଛନ୍ତି। ତେଣୁ ବିରୋଧୀଙ୍କ ସମର୍ଥନ ବିନା ଏହା ସମ୍ଭବ ନୁହେଁ। ବର୍ତ୍ତମାନ ଲୋକସଭାରେ ମହିଳା ସାଂସଦଙ୍କ ସଂଖ୍ୟା ୧୪ ରୁ ୧୫ ପ୍ରତିଶତ ରହିଛି। ଯାହା ବିଶ୍ୱ ହାର ଠାରୁ କମ୍। ଏହି ଆରକ୍ଷଣ ମହିଳାଙ୍କୁ ନୀତି ନିର୍ମାଣରେ ସମାନ ଅଧିକାର ପ୍ରଦାନ କରିବାରେ ବ୍ୟବସ୍ଥା ହୋଇଛି।

- ୫୪୩ ପରିବର୍ତ୍ତେ ହେବ ୮୧୬
- ମହିଳାଙ୍କ ପାଇଁ ରହିବ ୨୭୩
- ସହମତି ଲାଗି ବିରୋଧୀ ଦଳ ସହ ହେଉଛି ଆଲୋଚନା

# ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରତ୍ନ ଭଣ୍ଡାର ଗଣତି ମଣତି ନେଇ ଉଚ୍ଚସ୍ତରୀୟ ପ୍ରସ୍ତୁତି ସମୀକ୍ଷା ବୈଠକ



ପୁରୀ, (ସବ୍ୟୁ): ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ମୁତାବକ ଆସନ୍ତା ୨୫ ତାରିଖରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନ ଗଣତି ମଣତି ପ୍ରକ୍ରିୟା। ଏହି ପ୍ରକ୍ରିୟା ପୂର୍ବରୁ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ରତ୍ନ ଗଣତି ପ୍ରକ୍ରିୟା ଯେପରି ସୁରୁ ଖୁରୁରେ ହେବ ସେ ନେଇ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହା ପରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଆଇନ ମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ରେ ଜଷ୍ଟିସ ବିଶ୍ୱନାଥ ରଥ, ରାଜ୍ୟ ଆଇନ ବିଭାଗ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସପି, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାନେ ଉପସ୍ଥିତ ଥିଲେ। ବୈଠକ ପରେ ଆଇନ ମନ୍ତ୍ରୀ ଗଣ ମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଆସନ୍ତା ୨୫ ତାରିଖରେ ମହାପ୍ରଭୁଙ୍କ ରତ୍ନ ଭଣ୍ଡାର ଗଣତି ମଣତି ପ୍ରକ୍ରିୟା ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ଏସଓପି ଅନୁଯାୟୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସବୁ ମହାପ୍ରଭୁଙ୍କ ଇଚ୍ଛାରେ ହେବ। ଏସଓପି ଆଧାରରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ କରାଯିବ। ଆଗାମୀ ଶହେ ବର୍ଷ କୁ ଦୃଷ୍ଟିରେ ରଖି ରତ୍ନ ଭଣ୍ଡାର ଗଣତି କରା ଯିବ। ଦୀର୍ଘ ୪୬ ବର୍ଷ ଧରି ରତ୍ନ ଅଳଙ୍କାରର ଗଣତି ମଣତି ହୋଇନଥିଲା।

ଦୀର୍ଘ ବର୍ଷ ପରେ ଏହା ଏକ ଶୁଭ ମୁହୂର୍ତ୍ତ ଆସିଛି। ସମସ୍ତ ଜଗନ୍ନାଥ ପ୍ରେମୀ ଙ୍କ ଭାବାବେଗ ସହ ଜଡ଼ିତ ରହିଛି ଶ୍ରୀମନ୍ଦିର। ରତ୍ନ ଅଳଙ୍କାରର ଗଣତି ମଣତି ପାଇଁ ପ୍ରାକ୍ ପ୍ରସ୍ତୁତି କରାଯାଉଥିବା ଯୋଗୁଁ ସମୟ ଲାଗିଥିଲା। ତେବେ ରତ୍ନ ଅଳଙ୍କାରର ଗଣତି ମଣତିର ପ୍ରତିଟି କାର୍ଯ୍ୟ ସୁରୁଖୁରୁରେ କରାଯିବ। ଏଥିପାଇଁ ଏକ୍ସପୋର୍ଟ ଟିମ୍ ନିୟୋଜିତ ହୋଇଛନ୍ତି। ସମସ୍ତ କାର୍ଯ୍ୟ କୁ ଫଟୋଗ୍ରାଫି କରାଯିବ। ଠାକୁରଙ୍କ ନୀତି କାନ୍ତି ଓ ଭକ୍ତଙ୍କ ଦର୍ଶନ ଯେଭଳି ପ୍ରଭାବିତ ନହେବ ସେନେଇ ଗୁରୁତ୍ୱ ଦିଆଯାଇଛି। ମହାପ୍ରଭୁ ନିଜେ ଦାୟିତ୍ୱ ନେଇ ଏହି କାର୍ଯ୍ୟ କରିବେ ବୋଲି ଆଶା ରହିଛି। ଗଣତି ମଣତି କାର୍ଯ୍ୟ କେବେ ସରିବ ତାହା କହିହେବ ନାହିଁ। ନିର୍ଦ୍ଦିଷ୍ଟ ସମୟ କହିବା ଠିକ୍ ହେବ ନାହିଁ। ଯେଉଁମାନେ ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟରେ ରହିବେ ଏସପି କୁ ସମସ୍ତେ ଅନୁପାଳନ କରିବେ। ୧୯୭୮ ମସିହା ତାଲିକା ଅନୁସାରେ ବର୍ତ୍ତମାନର ଗଣତି କରାଯିବ। ଦୁର୍ମୁଲ୍ୟ ରତ୍ନ ଥିବାରୁ ଜେମୋଲୋଷ୍ଟି ଦୁଇଜଣ ଙ୍କୁ ରଖାଯାଇଛି ଟିମ୍ ରେ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ରତ୍ନ ଭଣ୍ଡାର ତଦାରଖ କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ, ଏସପିଙ୍କ ସହ ପ୍ରାଧିକୃତ ସେବାୟତ ଉପସ୍ଥିତ ଥିଲେ। ଏଥିସହ ଜେମୋଲୋଷ୍ଟି, ଆରବିଆଇ ଅଧିକାରୀ ମଧ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆଜି ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ପରିଦର୍ଶନ କରି ମନ୍ଦିର ଉନ୍ନତିକରଣ ଓ ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଅଗ୍ରଗତି ସଂପର୍କରେ ତଦାରଖ କରିବା ସହ ବିଭାଗୀୟ ଅଧିକାରୀ ଓ ମନ୍ଦିର ପ୍ରଶାସନ ମାନଙ୍କ ସହ ଆଲୋଚନା କରି ଥିଲେ। ବୈଠକରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି, ପୁରୀ ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀଙ୍କ ସମେତ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

# ପ୍ରତ୍ୟେକ୍ଷ ପ୍ରମାଣ ବିନା ପରୀକ୍ଷା ଫଳ ବାତିଲ୍ ଗ୍ରହଣୀୟ ନୁହେଁ :ହାଇକୋର୍ଟ

କଟକ,(ସବ୍ୟୁ): ସିବିଏସ୍ଇ ଦ୍ୱାରା ଏକାଧିକ ଛାତ୍ରଙ୍କ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ବାତିଲ ନିଷ୍ପତ୍ତିକୁ ଓଡ଼ିଶା ହାଇକୋର୍ଟ ରଦ୍ଦ କରିଛନ୍ତି । କୌଣସି ପ୍ରତ୍ୟକ୍ଷ ପ୍ରମାଣ ବିନା କେବଳ ସନ୍ଦେହ ଆଧାରରେ ପରୀକ୍ଷା ଫଳ ବାତିଲ କରିବା ଆଇନଗତ ଭାବେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ବରଗଡ଼ ଜିଲ୍ଲାର ପଦ୍ମପୁର ପବ୍ଲିକ ସ୍କୁଲର ଆବେଦନକାରୀଙ୍କ ସମେତ ଅନ୍ୟ କିଛି ଛାତ୍ରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ମାମଲାର ରାୟ ପ୍ରକାଶ କରି ଏପରି ଆଦେଶ ଦେବା ସହ ଏକ ସପ୍ତାହ ମଧ୍ୟରେ ଆବେଦନକାରୀ ବିଦ୍ୟାର୍ଥୀଙ୍କ ପରୀକ୍ଷା ଫଳ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତୁରନ୍ତ ମାର୍କସିଟ୍ ଓ ଅନ୍ୟାନ୍ୟ ପ୍ରମାଣପତ୍ର ପ୍ରଦାନ କରିବାକୁ ମଧ୍ଯ ଅଦାଲତ କହିଛନ୍ତି। ବରଗଡ଼ ଜିଲ୍ଲାର ପଦ୍ମପୁର ପବ୍ଲିକ ସ୍କୁଲର ଆବେଦନକାରୀଙ୍କ ସମେତ ଅନ୍ୟ କିଛି ନିୟମିତ ଛାତ୍ରଙ୍କ ୨୦୨୫ ମସିହାରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଅସାଧୁ ଉପାୟଅବଲମ୍ବନ କରାଯାଇଥିବା ଦର୍ଶାଇ ଫଳାଫଳ ପ୍ରକାଶ କରାଯାଇ ନଥିଲା। ବୋର୍ଡ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ବିଦ୍ୟାର୍ଥୀଙ୍କ ରସାୟନ ବିଜ୍ଞାନ ଓ ଜୀବବିଜ୍ଞାନ ବିଷୟର ଉତ୍ତର ଅନ୍ୟ ପରୀକ୍ଷାର୍ଥୀଙ୍କ ସହ ମେଳ ଖାଉଛି। ଏହି ଆଧାରରେ ସମ୍ପୂର୍ଣ୍ଣ ପରୀକ୍ଷା ଫଳ ବାତିଲ କରିଦିଆଯାଇଥିଲା । ସିବିଏସ୍ଇର ଏଭଳି ନିଷ୍ପତ୍ତିକୁ ଚାଲେଞ୍ଜ କରି ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଅଦାଲତ କହିଛନ୍ତି ଯେ ପରୀକ୍ଷା କେନ୍ଦ୍ର ପକ୍ଷରୁ କିମ୍ବା କୌଣସି ସ୍କ୍ୱାଡ୍ ଦ୍ୱାରା ଛାତ୍ରଙ୍କ ବିରୋଧରେ କୌଣସି ଅଭିଯୋଗ କରାଯାଇ ନଥିଲା । ଛାତ୍ରଙ୍କ ପାଖରୁ କୌଣସି ଆପତ୍ତିଜନକ ସାମଗ୍ରୀ ମଧ ମିଳି ନ ଥିଲା। କେବଳ ଉତ୍ତରରେ ସାମଞ୍ଜସ୍ୟ ଥିବା ଦର୍ଶାଇ ଫଳ ବାତିଲ କରିବା ହେଉଛି ଏକ ପାତରଅନ୍ତର ନୀତି ଓ ଏହା ସମାନତା ଅଧିକାରର ଉଲ୍ଲଙ୍ଘନ । କେବଳ ଅନୁମାନ ବା ସନ୍ଦେହ ଆଧାରରେ ଜଣେ ଛାତ୍ରଙ୍କ କ୍ୟାରିୟର ସହ ଖେଳ ଖେଳାଯାଇପାରିବ ନାହିଁ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି ।

# ୫ ବର୍ଷରେ ନକ୍ସଲ ଆକ୍ରମଣରେ ୨୦ଙ୍କ ଜୀବନ ଯାଇଛି

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟରେ ନକ୍ସଲ ଆକ୍ରମଣରେ ସାଧାରଣ ଲୋକଙ୍କ ଜୀବନ ଯାଉଛି। ବିଗତ ୫ ବର୍ଷରେ ଅର୍ଥାତ୍ ୨୦୨୧ରୁ ୨୦୨୬ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ରାଜ୍ୟରେ ନକ୍ସଲ ଆକ୍ରମଣ ତଥା ନକ୍ସଲ ହିଂସାକାଣ୍ଡରେ ୧୫ ଜଣ ସାଧାରଣ ବ୍ୟକ୍ତି ଏବଂ ୫ ଜଣ ସରକାରୀ କର୍ମଚାରୀ କିମ୍ବା ପୋଲିସ୍ ବା ସୁରକ୍ଷା ଅଧିକାରୀଙ୍କ ମୃତ୍ୟୁ ହୋଇଛି। ଏହି ସମୟରେ ନକ୍ସଲ ବା ମାଓବାଦୀଙ୍କ ସହ ପୋଲିସର ମୁକାବିଲାରେ ୫୦ ମାଓବାଦୀ ନିହତ ହୋଇଥିବା ବେଳେ ୭୮ ଜଣ ମାଓବାଦୀ ଗିରଫ ହୋଇଛନ୍ତି। ଏହା ସହ ୧୨୫ ଜଣ ନକ୍ସଲ / ମାଓବାଦୀ / ମିଲିସିଆ ଆତ୍ମସମର୍ପଣ କରିଛନ୍ତି ବୋଲି ବିଧାୟକ ଧ୍ରୁବ ଚରଣ ସାହୁଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦର୍ଶାଇଛନ୍ତି।

# ରାଜ୍ୟରେ ଗୁଟଖା ଖାଇ କ୍ୟାନସରରେ ୩,୧୫୭ ମୃତ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟରେ ଗୁଟଖା ଓ ତମାଖୁ ଜନୀତ ପଦାର୍ଥ ବ୍ୟବହାର କରି ୧୦ ବର୍ଷରେ ମୁଖ କ୍ୟାନସରରେ ୩,୧୫୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ସିଗାରେଟ ଓ ଅନ୍ୟାନ୍ୟ ତମାଖୁ ଜାତୀୟ ଦ୍ରବ୍ୟ ନିୟନ୍ତ୍ରଣ ଅଧିନିୟମ ୨୦୦୩ ଅନୁଯାୟୀ ସାଧାରଣ ଧୂମପାନ, ୧୮ ବର୍ଷରୁ କମ ବୟସର ବ୍ୟକ୍ତି ଓ ଶିକ୍ଷାନୁଷ୍ଠାନର ୧୦୦ ଗଜ ଦୂରତା ମଧ୍ୟରେ ତମାଖୁ ବିକି ବାରଣ କରାଯାଇଛି। ତେବେ ବିଗତ ୧୦ ବର୍ଷରେ ୬୨,୫୪୨ ଜଣ ଉଲ୍ଲଂଘନକାରୀଙ୍କ ଠାରୁ ୮ କୋଟି ୩୪ ଲକ୍ଷ ୫୨ ହଜାର ୫୫୨ ଟଙ୍କା ଫାଇନ ଆଦାୟ କରାଯାଇଛି । ଧୂମହୀନ ତମାଖୁକୁ ବନ୍ଦ କରାଯିବା ଲାଗି ରାଜ୍ୟ ସରକାର ନିକଟରେ ଏକ ନିର୍ଦ୍ଦେଶନାମା ଜାରି କରୁଛନ୍ତି ବୋଲି ବିଧାୟକ ପବିତ୍ର ସାଉଁନ୍ତାଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି ।

# କୃଷି, ସମବାୟ ବିଭାଗର ଖର୍ଚ୍ଚଦାବି ପାରିତ


ଭୁବନେଶ୍ୱର(ସବ୍ୟୁ): ୨୦୨୬-୨୭ ଅର୍ଥିକ ବର୍ଷ ଲାଗି କୃଷି ପ କୃଷକ ସଶକ୍ତିକରଣ ବିଭାଗର ୧୫୦୩୯ କୋଟି ୮୮ ଲକ୍ଷ ୬୮ ହଜାର ଟଙ୍କା ପ ସମବାୟ ବିଭାଗର ୨୪୩୪ କୋଟି ୪୬ ଲକ୍ଷ ୭ହଜାର ଟଙ୍କାର ଖର୍ଚ୍ଚର୍ ଦାବି ପାରିତ ହୋଇଛି ।

ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ଅଧୀନରେ ଥିବା ୫୧ଟି ପଣ୍ୟାଗାର ମଧ୍ୟରୁ ୪୯ଟି ପାଓ୍ୱାର ହାଉସ୍ ଡେଭଲପମେଣ୍ଟ ରେଗୁଲେଟରି ଅଥରିଟି ଦ୍ୱାରା ପଞ୍ଜୀକୃତ । ତେବେ ରାଜ୍ୟରେ ପଣାଗାର ଭିତ୍ତିଭୂମି ଉନ୍ନତିକରଣ ପାଇଁ ରାଜ୍ୟ ସମବାୟ ବିଭାଗ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଇଛି । ଆସନ୍ତା ୨ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ମାଧ୍ୟମରେ ବିଭାଗ ୪ ଲକ୍ଷ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ପଣ୍ୟାଗାର ସାରା ରାଜ୍ୟରେ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି । ସୋମବାର ରାଜ୍ୟ ସମବାୟ ବିଭାଗର ଖର୍ଚ୍ଚ ଦାବି ଆଲୋଚନାରେ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ୧୦୦ଟି ମଡେଲ୍ ମଣ୍ଡି ସ୍ଥାପନର ଲକ୍ଷ୍ୟ ରହିଛି । ସେଥି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୦୨୫-୨୬ରେ ୩୮ଟି ମଡେଲ ମଣ୍ଡି ପାଇଁ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିବା ବେଳେ ୨୦୨୬-୨୭ରେ ଆଉ ୬୨ଟି "ମଡେଲ୍ ମଣ୍ଡି' ଗଠନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଚାଷୀମାନଙ୍କ ସୁବିଧା ପାଇଁ ରାଜ୍ୟରେ ଥିବା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଗୁଡ଼ିକାରେ ୩ ହଜାର ମାଇକ୍ରୋ ଏଟିଏମ୍ ପ୍ରଦାନ କରାଯାଇଛି । ଏହି ମାଇକ୍ରୋ ଏଟିଏମ୍‌ଗୁଡିକ ଦୈନିକ ୧୦ ହଜାର ପର୍ଯ୍ୟନ୍ତ ଜମା ଦାଖଲ ଓ ୫ ହଜାର ପର୍ଯ୍ୟନ୍ତ ଉଠାଣ ହୋଇପାରୁଛି । ସମବାୟ ବ୍ୟାଙ୍କ ଓ ପାକ୍ସମାନଙ୍କର ଋଣ ଅଧିଗ୍ରହଣ କ୍ଷମତା ବୃଦ୍ଧି ପାଇଁ ରାଜ୍ୟ ସରକାର ଅଂଶଧନ ବାବଦକୁ ୨୦୨୬-୨୭ ବର୍ଷରେ ଶହେ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି ।

ଏହି ଖର୍ଚ୍ଚ ଦାବି ଆଲୋଚନାରେ ସରକାରୀ ଦଳ ସଭ୍ୟ ସୁଧିର ରଞ୍ଜନ ପାଟଯୋଶୀ ଆରମ୍ଭ କରିଥିବା ବେଳେ ପ୍ରତାପ ଚନ୍ଦ୍ର ନାୟକ, ଶତ୍ରୁଘ୍ନ ଜେନା, ସନତ କୁମାର ଗଡତିଆ, ଦୁଷ୍ମନ୍ତ କୁମାର ସ୍ୱାଇଁ, ଅରବିନ୍ଦ ମହାପାତ୍ର, ନୀଳମଣି ବିଷୋୟୀ, ରଘୁରାମ ମାଛି, ନରସିଂହ ମାଡ଼କାମି, ଲକ୍ଷ୍ମଣ ବାଗ ପ୍ରମୁଖ ଭାଗ ନେଇଥିଲେ ।

# ବର୍ଷକରେ ୨୮୦୩ ସାଇବର କେସ୍ ପଞ୍ଜୀକୃତ

ଭୁବନେଶ୍ୱର,(ସବ୍ୟୁ):ରାଜ୍ୟରେ ୨୦୨୫ ମସିହାରେ ୨୮୦୩ଟି ସାଇବର କେସ୍ ପଞ୍ଜୀକୃତ ହୋଇଛି। ଭୁବନେଶ୍ୱରରେ ସର୍ବାଧିକ ୨୫୧ଟି ସାଇବର କେସ ପଞ୍ଜୀକୃତ ହୋଇଥିବା ବେଳେ ଏହା ପଛକୁ ରହିଛି ରାଉରକେଲା। ରାଉରକେଲାରେ ୧୮୦ଟି ସାଇବର କେସ ପଞ୍ଜୀକୃତ ହୋଇଥିବା ବେଳେ ଯାଜପୁରରେ ୧୭୦, କଟକରେ ୧୫୫, ମୟୂରଭଞ୍ଜରରେ ୧୫୦, ଗଞ୍ଜାମରେ ୧୧୯, ଭଦ୍ରକରେ ୧୧୪, କେନ୍ଦୁଝରରେ ୧୧୦, ସମ୍ବଲପୁରରେ ୯୬, ଜଗତସିଂହପୁରେ ୮୭, କେନ୍ଦ୍ରାପଡ଼ାରେ ୮୮, ବଲାଙ୍ଗୀରରେ ୮୬, ଭଦ୍ରକରେ ୮୪, ବ୍ରହ୍ମପୁରରେ ୮୭, କଟକରେ ୭୯, ଅନୁଗୁଳରେ ୮୦, ମାଲକାନାଗିରରେ ୭୩, ନୂଆପଡ଼ାରେ ୬୮, ବାଲେଶ୍ୱରରେ ୮୬, ନୟାଗଡ଼ରେ ୬୦, ଖୋର୍ଦ୍ଧାରେ ୫୨ଟି ସାଇବର କେସ ପଞ୍ଜୀକୃତ ହୋଇଛି। ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଧାୟକ ଅମର ନାୟକଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ମାଝୀ ଦର୍ଶାଇଛନ୍ତି ସାଇବର ଅପରାଧକୁ ରୋକିବା ପାଇଁ ରାଜ୍ୟରେ ୩୦ଟି ପୋଲିସ ଜିଲ୍ଲାରେ ୩୪ଟି ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ ଥାନା କାର୍ଯ୍ୟ କରୁଛି। ଏହା ବ୍ୟତୀତ ରାଜ୍ୟ କ୍ରାଇମବ୍ରାଞ୍ଚ ଠାରେ ଏକ ନିର୍ଦ୍ଦିଷ୍ଟ ସାଇବର ଥାନା କାର୍ଯ୍ୟ କରୁଛି।






### ଜାଗୁଳେଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ

# କାତ୍ୟାୟନୀ ବେଶରେ ଦର୍ଶନ ଦେଲେ ମା'

ଜଟଣୀ, (ସବ୍ୟୁ) : ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମଦେବି ମା ଜାଗୁଳାଇଙ୍କ ଶକ୍ତିପିଠରେ ଚାଲିଥିବା



ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଷଷ୍ଠୀ ତିଥିରେ ସାଲା ମଣ୍ଡନ ସୂର୍ଯ୍ୟ ପୂଜା ଅଗ୍ନିସ୍ଥାପନା କାରାଯାଇ ସନ୍ଧ୍ୟାରେ ମା ଙ୍କୁ ମହାସ୍ନାନ ପରେ ମା କାତ୍ୟାୟନୀ ବେଶରେ ଦର୍ଶନ ଦେଇଥିଲେ । ମା ଚତୁର୍ଭୁଜା , ସିଂଘ ବାହିନୀ, ବାମ ଉପରହସ୍ତ ପଦ୍ମ, ତଳ ହସ୍ତେ ଖଡ୍ଗ , ଦକ୍ଷିଣ ହସ୍ତ ଉପର ଅଭୟ ମୁଦ୍ରା , ତଳ ହସ୍ତେ ଆଶୀର୍ବାଦ ମୁଦ୍ରା ବେଶ ଆକର୍ଷଣୀୟହୋଇଥିଲା ।ଷୋଡଶ ଉପଚାର ପୂଜା, ଶପ୍ତସତୀ ଚଣ୍ଡୀ ଆହୁତି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲା । ମଙ୍ଗଳବାର ମା''କାଳ ରାତ୍ରି ବେଶରେ ଦର୍ଶନ ଦେବେ ବୋଲି ମନ୍ଦିର ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି । ଚିତ୍ରକର ବିଜୟ କୁମାର ପଣ୍ଡା ପ୍ରତ୍ୟେକ ଦିନ ମା '' ଙ୍କୁ ବେଶ କରୁଥିବା ବେଳେ କର୍ତ୍ତା କର୍ତ୍ତ୍ରୀ ଭାବେ ହରେକୃଷ୍ଣ ମଙ୍ଗରାଜ ଓ ତାଙ୍କ ଧର୍ମପତ୍ନୀ ରାନୁବାଳା ମଙ୍ଗରାଜ ଯଜ୍ଞ ଆହୁତି ଦେଇଥିଲେ କ୍ଷ କାର୍ଯ୍ୟକ୍ରମକୁ କମିଟି ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ରାଜା, ସମ୍ପାଦକ ଏଲ ଡି ମହାନ୍ତି, ସଭାପତି ରାଧାମୋହନ ପଟ୍ଟନାୟକ, ଅଶୋକ ଦାସ , ପବିତ୍ର ମୋହନ ରଣସିଂହ , ନିତ୍ୟ ସେବକ ସୁନୀଲ ମହାନ୍ତି , ଆଇନଜୀବୀ ସୁରେଶ ଚନ୍ଦ୍ର ମିଶ୍ର, ବିବେକ ଦଳେଇ, ଚର୍ଚ୍ଚିଲ ଦାସ, ପୂର୍ଣ୍ଣଚନ୍ଦ୍ର ସାହାଣୀ , ଶଶିକାନ୍ତ ମହାପାତ୍ର, ରାଜକିଶୋର ରଣସିଂହ , ଭାଗିରଥି ପ୍ରଧାନ , ସଚ୍ଚିଦାନନ୍ଦ କାଳିଆ ଦାସ , ସଂଜୀବ ଜେନା , ବିନୋଦ ଦାସ , ଗଣେଶ ସ୍ୱାଇଁ ଓ ଗ୍ରାମବାସୀଙ୍କ ସହଯୋଗରେ ପରିଚାଳନା ହୋଇଥିଲା ।

### 'ଶହୀଦ ଦିବସ' ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା

# ଶହୀଦଙ୍କ ଆଦର୍ଶରେ 'ଗୋଲାମି ମାନସିକତା'ରୁ ମୁକ୍ତ ହେବା :ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର 'ଶହୀଦ ଦିବସ' ଅବସରରେ ନୂଆଦିଲ୍ଲୀ ଠାରେ 'ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମୀ ପରିବାର କଲ୍ୟାଣ ପରିଷଦ' ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଭାରତ ମାତାର ଅମର ବୀର ସନ୍ତାନ ଶହୀଦ ଭଗତ ସିଂହ, ଶିବରାମ ରାଜଗୁରୁ ଓ ସୁଖଦେବ ଥାପଡ଼ଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଜି ଆମେ ୯୫ତମ ଶହୀଦ ଦିବସ ପାଳନ କରୁଛୁ । ଆଉ ୫ ବର୍ଷ ପରେ ଏହାର ଶତାବ୍ଦୀ ବର୍ଷ ଏବଂ ପ୍ରାୟ ୨୧ ବର୍ଷ ପରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳିତ ହେବ । ଭାରତର କୋଣ ଅନୁକୋଣରେ ସ୍ୱାଧୀନତା ସଂଗ୍ରାମର ସ୍ମୃତି ଗାଥା ଭରି ରହିଛି । ନେତାଜୀ ସୁଭାଷ



ଚନ୍ଦ୍ର ବୋଷଙ୍କ ଠାରୁ ଆରମ୍ଭ କରି ଭଗତ ସିଂହ ଏବଂ ଶହୀଦ ବାଜି ରାଉତଙ୍କ ପର୍ଯ୍ୟନ୍ତ ସମସ୍ତ ବୀରଙ୍କ ତ୍ୟାଗ ଓ ତପସ୍ୟା ଆମ ଜାତୀୟ ଚେତନାର ଆଧାରଶିଳା । ଆମେ ବାଜି ରାଉତଙ୍କ ଠାରୁ ରାଜଗୁରୁଙ୍କ ପର୍ଯ୍ୟନ୍ତ ସମସ୍ତ ଶହୀଦ ପରିବାରର ସଦସ୍ୟ, ଯାହା ୧୪୦ କୋଟି ଭାରତୀୟଙ୍କ ପାଇଁ ଗର୍ବର ବିଷୟ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ଇତାହାସ ପୃଷ୍ଠାରେ ଅନାଲୋଚିତ ନାୟକ ବା ସଂଗ୍ରାମୀମାନଙ୍କ ଅବଦାନକୁ ସମ୍ମାନିତ କରାଯାଉଛି । ୧୮୩୫ରେ ଟି.ବି. ମାକାଉଲେ ଲାଗୁ କରିଥିବା ଶିକ୍ଷା ପଦ୍ଧତି ଓ ଗୋଲାମି ମାନସିକତାରୁ ଦେଶକୁ ମୁକ୍ତ କରିବା ଆମର ମୂଳ ଦାୟିତ୍ୱ । ଭାରତର ଆତ୍ମା, ସଂସ୍କୃତି ଓ ସ୍ୱାଭିମାନକୁ ପୁନଃସ୍ଥାପିତ କରିବା ଦିଗରେ 'ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମୀ ପରିବାର କଲ୍ୟାଣ ପରିଷଦ' ସମେତ ସମସ୍ତେ ଦାୟିତ୍ୱ ନେବା ଉଚିତ୍ ।

ପୂର୍ବରୁ ଦେଶ ପାଇଁ ବଳିଦାନ ଦେବାର ସମୟ ଥିଲା, କିନ୍ତୁ ଆଜି ଦେଶ ପାଇଁ ବଞ୍ଚିବାର ଆବଶ୍ୟକତା ଅଛି । ଆମର ଲକ୍ଷ୍ୟ ହେଉଛି ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ କରିବା। ଏଥିପାଇଁ ପ୍ରତିଟି ମୁହୂର୍ତ୍ତ ଗୁରୁତ୍ୱପୂର୍ଣ୍ଣ । ଦେଶର ସ୍ୱାଭିମାନ ବୃଦ୍ଧି, ସ୍ୱଦେଶୀ ଅର୍ଥନୀତିର ସୁଦୃଢ଼ୀକରଣ, ଚାଷୀଙ୍କ ଆୟ ବୃଦ୍ଧି, ମହିଳା ଓ ଯୁବବର୍ଗଙ୍କୁ ସମ୍ମାନ ଏବଂ ବଞ୍ଚିତଙ୍କ କଲ୍ୟାଣ ପାଇଁ ଆମକୁ ଦାୟିତ୍ୱ ନେବାକୁ ହେବ । ଶେଷରେ, ଶ୍ରୀ ପ୍ରଧାନ 'ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମୀ ପରିବାର କଲ୍ୟାଣ ପରିଷଦ'କୁ ଏଭଳି ପ୍ରେରଣାଦାୟୀ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସାଧୁବାଦ ଜଣାଇବା ସହ ଶହୀଦମାନଙ୍କ ସ୍ୱପ୍ନର ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହରି ମହତାବ ଏବଂ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଶ୍ରୀମନ୍ଦିର ଚୌହଦୀ ମାଟି ତଳେ ଭର୍ତ୍ତି ହୋଇ ରହିଛି କୀର୍ତ୍ତିରାଜି

ପୁରୀ (ସବ୍ୟୁ): ଶ୍ରୀମନ୍ଦିର ଚୌହଦୀ ମାଟି ତଳେ ଗଙ୍ଗବଂଶର ଗାରିମା ରହିଛି । ମାଟି ତଳେ ଭର୍ତ୍ତି ହୋଇ ରହିଛି କୀର୍ତ୍ତିରାଜି । ଜିପିଆର ସର୍ଭେରୁ ଆସିଛି ଚାଞ୍ଚଲ୍ୟକର ତଥ୍ୟ । ଶ୍ରୀମନ୍ଦିର ଠାରୁ ସମୁଦ୍ର ପର୍ଯ୍ୟନ୍ତ ରହିଛି ସୁଡଙ୍ଗ ୧୨୧.୬ ବର୍ଗମିଟର ପରିମିତ ଅଞ୍ଚଳରେ ରହିଛି ଏକ କୋଠା । ଶ୍ରୀଜଗନ୍ନାଥ ମନ୍ଦିର ଚୌହଦୀରେ ୪୩ ଟି କୋଠା ଠାବ ହୋଇଥିବା ସୂଚନା ରହିଛି। । ଗତ ପରିକ୍ରମା ପ୍ରକଳ୍ପ ସମୟରେ ଖୋଳତାଡ ବେଳେ ଏମାର ମଠ ନିକଟରୁ ମିଳିଥିଲା ଗଙ୍ଗବଂଶ ସମୟର ସିଂହମୂର୍ତ୍ତି । ବିନା ଜିପିଆର ସର୍ଭେରେ ଚୌହଦୀ ଖନନକୁ ନେଇ ଅସନ୍ତୋଷ ପରେ ୪୦ ଲକ୍ଷ ଖର୍ଚ୍ଚ କରି ଓବିସିସି ଜରିଆରେ ହୋଇଥିଲା ଜିପି ଆର୍ ସର୍ଭେ । ଏ ଠାରୁ ଏଚ୍ ପର୍ଯ୍ୟନ୍ତ କାଟଗୋରୀର ରହିଛି ସର୍ଭେ ରିପୋର୍ଟ ।'ଏରିଆ-ଏଚ୍' ବା ଏମାର ମଠ ସହ ନୃସିଂହ ମନ୍ଦିର, ବୁଢ଼ୀ ମା' ମନ୍ଦିର ଓ ଶ୍ରୀଜଗନ୍ନାଥ ମନ୍ଦିର ରାସ୍ତା ଅଞ୍ଚଳରେ ଏଭଳି ୪୩ ଟି ଐତିହ୍ୟ ଠାବ କରାଯାଇଛି। ଏହା ସହ ମାଟି କିମ୍ବା ଅନ୍ୟାନ୍ୟ ଧାତୁର ପାତ୍ର ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମଧ୍ୟ ଠାବ କରାଯାଇଛି। ସୁରକ୍ଷିତ ଖନନ କରି ଏ ସବୁକୁ ସଂରକ୍ଷିତ ରଖାଯାଇ ପାରେ ବୋଲି ଜିପିଆର ସର୍ଭେ ରିପୋର୍ଟରେ ଶ୍ରୀମନ୍ଦିର ପ୍ରଶାସନକୁ ପରାମର୍ଶ ଦିଆଯାଇଛି। ଏଭଳି ତଥ୍ୟ ଆସିବାପରେ ମାଟି ତଳେ ବିଭିନ୍ନ କୀର୍ତ୍ତିରାଜି, କ୍ରୀର୍ତ୍ତିକାଳ ସନ୍ଦେହ ସ୍ୱଷ୍ଟ ହେବାରେ ଲାଗିଛି। ତେବେ ରିପୋର୍ଟ କଣ ଆସିଛି ତାହା ମୁଁ ଜାଣିନି ତର୍ଜମା କଲାପରେ କହିବି ବୋଲି କହିଛନ୍ତି ଆଇନମନ୍ତ୍ରୀ। ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସ୍ତୁତ ବେଳେ ମାଟିତଳୁ ଗଙ୍ଗବଂଶ ସମୟର ସିଂହମୂର୍ତ୍ତି ସହ ପ୍ରାଚୀନ କୀର୍ତ୍ତିରାଜି ମିଳିଥିଲା ।ସେତେବେଳେ ବିନା ଜିପିଆର୍ ସର୍ଭେରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ରୂପରେଖକୁ ନେଇ ଦେଖା ଦେଇଥିଲା ଅସନ୍ତୋଷ । ପରେ ୨୨ ମେ ୨୦୨୩ ରାତିରେ ହୋଇଥିଲା ଜିପିଆର୍ ସର୍ଭେ ।ଗାନ୍ଧୀ ନଗର ଆଇ ଆଇଟିର ଦୁଇଟି ଟିମ୍ ଆସି ଶ୍ରୀମନ୍ଦିର ଚୌହଦୀ ସମେତ ବିଭିନ୍ନ ଜାଗାରେ ଜି ପି ଆର୍ ସର୍ଭେ କରିଥିଲେ ଓବିସିସି ଦାୟିତ୍ୱରେ ପ୍ରାୟ ୪୦ ଲକ୍ଷ ଖର୍ଚ୍ଚ କରିଥିଲା ଶ୍ରୀମନ୍ଦିର ପ୍ରଶାସନ । ଏବେ କେବଳ ଶ୍ରୀମନ୍ଦିର କଡ଼ କିମ୍ବା ଶ୍ରୀମନ୍ଦିର ପ୍ରକଳ୍ପ ପରିସର ନୁହେଁ, ବରଂ ସହର ସାରା ମାଟିତଳେ ଐତିହ୍ୟ କୀର୍ତ୍ତିରାଜି ଭର୍ତ୍ତି ହୋଇ ରହିଥିବା ସହ ଶ୍ରୀମନ୍ଦିରଠାରୁ ସମୁଦ୍ର ପର୍ଯ୍ୟନ୍ତ ଏକ ସୁଡ଼ଙ୍ଗ ରହିଛି। ସୂଚନା ଅଧିକାର ଆଇନ ବଳରେ ଦିଲ୍ଲୀପ ବରାଳ ପାଇଥିବା ତଥ୍ୟରେ ଏଭଳି ସୂଚନା ମିଳିଛି। ତେଣୁ ଏହାକୁ ନେଇ ଦେଖାଦେଇଛି ଚର୍ଚ୍ଚା ଆଲୋଚନା ।

# ଆଦିତ୍ୟ ଆଲୁମିନିୟମ,ଲପଙ୍ଗା ପକ୍ଷରୁ ରେଙ୍ଗାଲି ପିଏଚ୍‌ସିକୁ ଆମ୍ବୁଲାନ୍ସ ପ୍ରଦାନ

ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ ଅଧିବାସୀଙ୍କ ଦାବି ଓ ରେଙ୍ଗାଲି ପିଏଚସି ରେ ରୋଗୀଙ୍କ ସଂଖ୍ୟାକୁ ଆଖିଆଗରେ ରଖି ଆଦିତ୍ୟ ଆଲୁମିନିୟମ,ଲପଙ୍ଗା ପକ୍ଷରୁ ରେଙ୍ଗାଲି ପିଏଚସି କୁ ବିଭିନ୍ନ ସୁବିଧା ଯଥା ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି,



ଯାହାଦ୍ୱାରା ଜରୁରୀ କାଳୀନ ପରିସ୍ଥିତିରେ ରୋଗୀକୁ ସମ୍ବଲପୁର ମେଡିକାଲ୍ ଓ ବୁର୍ଲା ମେଡିକାଲ୍ କୁ ମାଗଣାରେ ପହଞ୍ଚି ପାରିବେ । ଏଥିସହିତ ବିଶେଷଜ୍ଞ ଡାକ୍ତର ମଧ୍ୟ ରୋଗୀଙ୍କ ସୁବୋଧ ପାଇଁ ( ଶିଶୁ ରୋଗ, ସ୍ତ୍ରୀ ରୋଗ , ମେଡିସିନ) ଯୋଗାଇଦିଆଯାଇଛି, ମାଗଣା ଏକ୍ସରେ ର ସୁବିଧା ପାଇଁ ମା ସମଲେଶ୍ୱରୀ ହସ୍ପିଟାଲ ସହିତ ଯୋଗାଯୋଗ କରାଯାଇ ସୁବିଧା ଯୋଗାଇ ଦିଆଯାଇଛି । ଉକ୍ତ ସୁବିଧା ଦ୍ୱାର ରେଙ୍ଗାଲି ବ୍ଲକ ର ପ୍ରାୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ। ଉଦଘାଟନୀ ସମୟରେ ରେଙ୍ଗାଲି ବ୍ଲକ ର ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗଡତିଆ, ପୂର୍ବତନ ବିଧାୟକ ନାଉରୀ ନାୟକ, ଜିଲ୍ଲାପରିଷଦ ଦେଓ ନାରାୟଣ ତିୱାରୀ, ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ,ରେଙ୍ଗାଲି ବରିଷ୍ଠ ନାଗରିକ ଅନ୍ତର୍ଯ୍ୟାମୀ ପାଣି ରହିଥିଲେ, କତରବଗା ସରପଞ୍ଚ ନୀଳାମ୍ବର ରୋହିଦାସ, ନିଶାନଭଙ୍ଗା ସରପଞ୍ଚ ସରୋଜ ମେହେର, ବୋମାଲୋଇ ର ପୂର୍ବତନ ସରପଞ୍ଚ ଶେଷ ଦେବ ପଧାନ, ଜଙ୍ଗଲା ର ପୂର୍ବତନ ସରପଞ୍ଚ ଶ୍ରୀଯୁକ୍ତ ମୁରାରି ବିଶ୍ୱାଳ ଉପସ୍ଥିତି ରହିଥିଲେ ଏଥିସହିତ ସରକାରଙ୍କର ବିଭିନ୍ନ ବିଭାଗର ଅଧିକାରୀ ସିଡ଼ିଏମୋ, ସମ୍ବଲପୁର ପ୍ରଦୀପ ହୋତା, ବିଡିଓ, ରେଙ୍ଗାଲି, ପ୍ରିତମ ତନ୍ତୀ, ତହସିଲଦାର ତକ୍ଷ ରାଜ ଭିତ୍ରିଆ, ଆରଟିଓ ସମ୍ବଲପୁର, ରାମଦାସ ଟୁଡୁ, ସୁପରିଟେଣ୍ଟ ଲଇଡା ସିଏଚସି ଡକ୍ଟର ଆସି ରଞ୍ଜନ ମାଝୀ, ପିଏଚସି ରେଙ୍ଗାଲି ର ଅଧିକାରୀ ଡ଼ାକ୍ତର ଶୁଭମ୍ ସିଂ ଉପସ୍ଥିତ ରହି ଥିଲେ। ଆଦିତ୍ୟ ଆଲୁମିନିୟମ ଅଧିକାରୀ କ୍ଲଷ୍ଟର ମାନବସମ୍ବଳ ମୁଖ୍ୟ ଡକ୍ଟର କ୍ରିଷ୍ଣା ପାଢ଼ୀ, ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ, ମାନବସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର, ଉପସ୍ଥିତ ରହିଥିଲେ। । ଉକ୍ତ କାର୍ଯ୍ୟିଟି ସିଏସଆର ମୁଖ୍ୟ ରବି ନିୱାସଙ୍କ ତତ୍ତ୍ୱାବଧାନରେ ସଂପୂର୍ଣ୍ଣ ହୋଇଥିଲା ଏବଂ ଉପ ପ୍ରବନ୍ଧକ ମନୋଂଜନ ବେହେରା ମଞ୍ଚ ପରିଚାଳନା କରିଥିଲେ। ଆଦିତ୍ୟ ଆଲୁମିନିୟମ ର ଏଭଳି ମହତ୍ତ୍ୱ ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଧିବାସୀ ମାନେ ପ୍ରଶଂସା କରିଥିଲେ।

## ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ମିଳିଲା ଆଉ ୧୦ କୋଟି

କଟକ,(ସବ୍ୟୁ): ଆଇନଜୀବୀଙ୍କ କଲ୍ୟାଣ ପାଇଁ ଗଠନ ହୋଇଥିବା 'ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି'କୁ ରାଜ୍ୟ ସରକାରଆଉ୧୦କୋଟି ଟଙ୍କାରଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପୂର୍ବରୁ ୨୦୨୪-୨୫ ପାଇଁ ରାଜ୍ୟ ସରକାର ୧୦କୋଟି ଟଙ୍କା ପ୍ରଦାନ କରିଥିଲେ। ଏବେ ୨୦୨୫-୨୬ ପାଇଁ ଆଉ ୧୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଆଡଭୋକେଟ୍ ଜେନେରାଲ ତଥା ରାଜ୍ୟ ଆଇନଜୀବୀ ପରିଷଦର ଏହି ଟ୍ରଷ୍ଟ ଅଧକ୍ଷ ପୀତାମ୍ବର ଆଚାର୍ଯ୍ୟ 'ଏକ୍ସ' ଜରିଆରେ ସୂଚନା ଦେଇଛନ୍ତି। ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ରାଜ୍ୟ ସରକାର ପ୍ରତିବର୍ଷ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। ଏହି ପାଣ୍ଠିରୁ ଜଣେ ଆଇନଜୀବୀଙ୍କୁ ଅବସର ପରେ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥାଏ । ଏଥିସହ ଆଇନଜୀବୀଙ୍କ କଲ୍ୟାଣ ପାଇଁ ମଧ୍ୟ ଅନ୍ୟାନ୍ୟ ଖର୍ଚ୍ଚ କରାଯାଇଥାଏ । ରାଜ୍ୟ ସରକାରଙ୍କ ଏହି ଆର୍ଥିକ ସହାୟତାକୁ ବହୁ ଆଇନଜୀବୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ଦାଦଶ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ପରୀକ୍ଷା ଫଳ ପକାଶ ପାଇଁ ନିର୍ଦ୍ଦେଶରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ରାଜ୍ୟ ସରକାର ପ୍ରତିବର୍ଷ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। ଏହି ପାଣ୍ଠିରୁ ଜଣେ ଆଇନଜୀବୀଙ୍କୁ ଅବସର ପରେ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥାଏ । ଏଥିସହ ଆଇନଜୀବୀଙ୍କ କଲ୍ୟାଣ ପାଇଁ ମଧ୍ୟ ଅନ୍ୟାନ୍ୟ ଖର୍ଚ୍ଚ କରାଯାଇଥାଏ । ରାଜ୍ୟ ସରକାରଙ୍କ ଏହି ଆର୍ଥିକ ସହାୟତାକୁ ବହୁ ଆଇନଜୀବୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି।

### ଯୁବସମାଜର ସମସ୍ୟା ଓ ସମାଧାନ ଦିଗରେ

# ଶ୍ରୀମଦ୍ ଭଗବତଗୀତାର ଭୂମିକା ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, (ସବ୍ୟୁ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ସଂସ୍କୃତ ବିଭାଗ, କାଉନସେଲିଂ ଓ ୱେଲନେସ ସେଣ୍ଟର୍ ସହ ଗୀତାନାରାୟଣ ଆଧ୍ୟାତ୍ମିକ ପରିବାର ଟ୍ରଷ୍ଟର ମିଳିତ ଆନୁକୁଲ୍ୟରେ "ଯୁବସମାଜର ସମସ୍ୟା ଓ ସମାଧାନ ଦିଗରେ ଶ୍ରୀମଦ ଭଗବତଗୀତାର ଭୂମିକା" ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପଣ୍ଡିତ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବର୍ତ୍ତମାନ ସମୟରେ ଭଗବତଗୀତା ହିଁ ଯୁବପିଢିମାନଙ୍କ ସମସ୍ତ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବ ବୋଲି ମତ ପ୍ରକାଶ କରିଥିଲେ। ଏଥିରେ କୁଳପତି ପ୍ରୋଫେସର ଚଣ୍ଡୀ ଚରଣ ରଥ ତଥା କୁଳସଚିବ ଶ୍ରୀମତୀ ମନଦସ୍ୱିନୀ ସାହୁ ଯୋଗଦାନ ଦେଇ ଛାତ୍ରୀମାନଙ୍କୁ ଗୀତାର ମହତ୍ତ୍ୱ ବିଷୟରେ ଆଲୋଚନା



କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଯୋଗଦାନ କରିଥିଲେ। ଗୀତାନାରାୟଣ ଆଧ୍ୟାତ୍ମିକ ପରିବାର ଟ୍ରଷ୍ଟର ସମ୍ପାଦକ ସୁଯୋଗ୍ୟ ମିଶ୍ର ଏହି ଟ୍ରଷ୍ଟର ପରିଚୟ ପ୍ରଦାନ କରିଥିବା ବେଳେ ସଂସ୍କୃତ ବିଭାଗର ଡ. ଅଖିଳ ରଞ୍ଜନ ପାହିଁ ଯୋଗଦାନ କରିଥିଲେ। ସଂସ୍କୃତ ବିଭାଗର ସଂଯୋଜିକା ଡ. ସ୍ନେହଲତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାଉନସେଲିଂ ଏଣ୍ଡ ୱେଲନେସ ସେଣ୍ଟରର ସଂଯୋଜିକା ଡ. ସାୟନ୍ତନୀ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।

### ବଜାରରେ କେନଷ୍ଟାରର ନୂଆ ୫-ଷ୍ଟାର ବିଇଇ ରେଟେଡ୍ ଏୟାର କୁଲର

# ଶକ୍ତି ସଞ୍ଚୟ ଓ ଦୀର୍ଘ ୱାରେଣ୍ଟିରେ ନୂଆ ମାନଦଣ୍ଡ

ଭୁବନେଶ୍ୱର, (ସବ୍ୟୁ): ଭାରତର ଏକ ବିଶ୍ୱସନୀୟ ଗୃହୋପକରଣ ବ୍ରାଣ୍ଡ କେନଷ୍ଟାର ଶକ୍ତି ସଞ୍ଚୟ ଏବଂ ଉନ୍ନତ ଶୀତଳତା ପ୍ରଯୁକ୍ତି ସହିତ ଭାରତର ପ୍ରଥମ ୫-ଷ୍ଟାର ବିଇଇ ରେଟେଡ୍ ଏୟାର କୁଲର ଶ୍ରେଣୀକୁ ଲଞ୍ଚ କରିଛି । ଏହା ସହିତ ୫ ବର୍ଷର ୱାରେଣ୍ଟି ସୁବିଧା ମଧ୍ୟ ଦିଆଯାଇଛି, ଯାହା ଶକ୍ତି ଦକ୍ଷତା ଓ ଦୀର୍ଘକାଳୀନ ବିଶ୍ୱସନୀୟତାରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ତିନି ଦଶକର ଐତିହ୍ୟ ନେଇ କେନଷ୍ଟାର ଗ୍ରାହକଙ୍କୁ ଶକ୍ତି ସଞ୍ଚୟ ସହିତ ଉତ୍ତମ କାର୍ଯ୍ୟଦକ୍ଷତା ଯୋଗାଇବାର ଲକ୍ଷ୍ୟରେ ଏହି ନୂଆ ଶ୍ରେଣୀ ଆଣିଛି। ଏହା ମାଧ୍ୟମରେ ଗ୍ରାହକମାନେ ବିଜୁଳି ବିଲ୍ କମେଇବା ସହିତ ଉନ୍ନତ ଶୀତଳତାର ଅନୁଭବ ପାଇପାରିବେ। ଏହି ଶୁଭାରମ୍ଭ ସହିତ କେନଷ୍ଟାର ଅଭିନେତା ରାଜକୁମାର ରାଓ ଏବଂ ଅଭିନେତ୍ରୀ ପତ୍ରଲେଖାଙ୍କୁ ନେଇ ଏକ ବିଶେଷ ପ୍ରଚାର ଅଭିଯାନ ଆରମ୍ଭ କରିଛି। "ଭାରତର ପ୍ରଥମ ୫-ଷ୍ଟାର ଶକ୍ତି ସଞ୍ଚୟ ଏବଂ ୫ ବର୍ଷର ୱାରେଣ୍ଟି" ବାର୍ତ୍ତାକୁ ଲୋକମାନଙ୍କ ପହଞ୍ଚାଇବା ଏହାର ଲକ୍ଷ୍ୟ। କେନଷ୍ଟାରର ଏହି ନୂଆ ଶ୍ରେଣୀରେ ୫୦ରୁ ଅଧିକ ଏୟାର କୁଲର ମଡେଲ୍ ରହିଛି, ଯାହା ଘରୋଇ ଏବଂ ବାଣିଜ୍ୟିକ ସ୍ଥାନ ପାଇଁ ଉପଯୁକ୍ତ। ଏଥିରେ ବିଏଲଡିସି ମ୍ୟାକ୍ସ ଟେକ୍ନୋଲୋଜି, କ୍ୱାଡ୍ରା ଏୟାର ଫ୍ଲୋ ସିଷ୍ଟମ୍, ହାଇଡ୍ରୋ ଡେନ୍ସ ମେଶ୍ ହନିକମ୍ବ କୁଲିଙ୍ଗ ପ୍ୟାଡ୍ ଏବଂ ଡବଲ ବଲ ବିୟରିଂ ମୋଟର ଭଳି ଆଧୁନିକ ବୈଶିଷ୍ଟ୍ୟ ରହିଛି ।

### ପିଏନ୍‌ବି କଟକ ସର୍କଲ ପକ୍ଷରୁ

# ମା' ହିଙ୍ଗୁଳା ମନ୍ଦିରକୁ ୱାଟର ପ୍ୟୁରିଫାୟର ପ୍ରଦାନ

ଭୁବନେଶ୍ୱର (ସବ୍ୟୁ): ସମାଜ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ କରି ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, କଟକ ସର୍କଲ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଭକ୍ତମାନଙ୍କ ସୁବିଧା ନିମନ୍ତେ ମା ହିଙ୍ଗୁଳା ମନ୍ଦିରକୁ ଏକ ୱାଟର ପ୍ୟୁରିଫାୟର ପ୍ରଦାନ କରାଯାଇଛି। ବ୍ୟାଙ୍କର ସର୍କଲ ମୁଖ୍ୟ ସୁଜିତ ନେଗି , ଶାଖା ମୁଖ୍ୟ ଅଖିଳ କୁମାର ପ୍ରଧାନଙ୍କ ସମେତ ସ୍ଥାନୀୟ ଶାଖାର ଶାଖା ମୁଖ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଡିଜିଟାଲ ସଶକ୍ତିକରଣ ଦିଗରେ ଏକ ପ୍ରୟାସ ଭାବରେ ମନ୍ଦିରରେ ଏକ କ୍ୟୁଆର୍ କୋଡ୍ ମଧ୍ୟ ଚାଲୁ କରାଯାଇଛି ଯାହା





ଭକ୍ତମାନଙ୍କ ମଧ୍ୟରେ ଡିଜିଟାଲ କାରବାର ଓ ଡିଜିଟାଲ ବ୍ୟାଙ୍କିଙ୍ଗ ସେବାକୁ ଆହୁରି ସୁଦୃଢ଼ କରିପାରିବ। ବ୍ୟାଙ୍କର ଏହି ପଦକ୍ଷେପ ସିଏସ୍‌ଆର୍ କାର୍ଯ୍ୟକ୍ରମ ପ୍ରତି ଗୁରୁତ୍ୱ ଦେବା ସହିତ ସମାଜ କଲ୍ୟାଣ ଓ ଡିଜିଟାଲ ବ୍ୟାଙ୍କିଙ୍ଗ ସେବାକୁ ପ୍ରୋତ୍ସାହିତ କରୁଅଛି ।

# ସହରାଞ୍ଚଳରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ କର୍ମଶାଳା

ଭୁବନେଶ୍ୱର : (ସବ୍ୟୁ): ରାଜ୍ୟର ସହରାଞ୍ଚଳଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଓଡ଼ିଶା ଅଗ୍ନିଶମ ସେବା ପକ୍ଷରୁ ଆଭାସୀ (ଭର୍ଚୁଆଲ୍) ଜରିଆରେ ମିଳିତ ଭାବେ ଏକ ଉଚ୍ଚସ୍ତରୀୟ ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ ବୈଷୟିକ ଜ୍ଞାନକୌଶଳ ସମ୍ପର୍କରେ ସୂଚନା ଦେବା ସହ ନିରାପତ୍ତାମୂଳକ ପଦକ୍ଷେପ, ଆଧୁନିକ ଅଗ୍ନିଶମ ଉପକରଣର ବ୍ୟବହାର ଏବଂ ସାଂଗଠନିକ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ସମଗ୍ର ରାଜ୍ୟରେ ପାଢୀଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଅଗ୍ନି ନିରାପତ୍ତାକୁ କେବଳ ଏକ ନିୟମ ପାଳନ ଭାବେ ନଦେଖି ସହର ଶାସନ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରିବାକୁ ଗୁରୁତ୍ୱ ଦିଆଯାଇଥିଲା । ଅଗ୍ନିନିରାପତ୍ତା ବ୍ୟବସ୍ଥାକୁ ସମସ୍ତ ପୌରାଞ୍ଚଳ ମୁଖ୍ୟମନ୍ତ୍ରୀ ସହରୀ



ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳରେ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଏବଂ ବୈଷୟିକ ପ୍ରସ୍ତୁତିକୁ ଅଧିକ ସମନ୍ୱିତ କରିବା ଏହି ଅଧିବେଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କର୍ମଶାଳାରେ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡକ୍ଟର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ହେଉଛି ପ୍ରଥମ ବିଭାଗ ଯିଏ ଏଭଳି ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଅନ୍ତଃ-ବିଭାଗୀୟ ସମନ୍ୱୟର ଏକ ନୂତନ ଉଦାହରଣ ସୃଷ୍ଟି କରିଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଶ୍ରୀମତୀ ପାଢୀ ନିର୍ଦ୍ଦେଶ ଦେଇଛନ୍ତି ଓ ଏହି ଆଭାସୀ ବୈଠକରେ ରାଜ୍ୟର ସମସ୍ତ ମହାନଗର ନିଗମର କମିଶନର, ପୌରପାଳିକା ଏବଂ ବିଜ୍ଞପିତ ଅଞ୍ଚଳ ପରିଷଦ ର ନିର୍ବାହୀ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ଚନ୍ଦ୍ରଶେଖର ଏକାଡେମୀର ବାର୍ଷିକ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଚନ୍ଦ୍ରଶେଖର ଏକାଡେମୀ, ବାଲିଘାଇ, ପୁରୀର ୨୧ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ





ଭବ୍ୟ ଭାବେ ଓ ଉତ୍ସାହର ସହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ସନ୍ତୋଷ କୁମାର ପ୍ରଧାନ (ସିଆରସିସି, ଗୋପ ବ୍ଲକ) , ଚନ୍ଦ୍ରଶେଖର ଏକାଡେମୀର ଚେୟାର ମ୍ୟାନ ଶ୍ରୀମନ୍ତ କୁମାର ଦାସ ଏବଂ ଅମିତା ପଟ୍ଟନାୟକ , ବିଦ୍ୟାଳୟର ସଂପାଦକ ସଂଜୀବ କୁମାର ନାୟକ , ପ୍ରଧାନ ଶିକ୍ଷକ ତାପସ ମିଶ୍ର, ଶିକ୍ଷକ ସନ୍ତୋଷ କୁମାର ମିଶ୍ର, ବିକାସ ଦାସ, ଅଭିଳାଷ ମିଶ୍ର, ରଜତ କୁମାର ପାଣି, ଚନ୍ଦନ ବିଶ୍ୱାଳ,-ଶିକ୍ଷୟିତ୍ରୀ- ସୁଚିତ୍ରା ନାୟକ, ଶକୁନ୍ତଳା ରଥ, ପାର୍ବତୀ ସରୋଜ୍, ସସ୍ମିତା ପ୍ରଧାନ, ଶର୍ମିଷ୍ଠା ଦଳାଇ, ଦିବ୍ୟାନି ପଟ୍ଟନାୟକ, ବିଦ୍ୟାଳୟର ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କର ଉଲ୍ଲେଖନୀୟ ଉପସ୍ଥିତି ଦେଖାଯାଇଥିଲା। ମୁଖ୍ୟ ଅତିଥି ସନ୍ତୋଷ କୁମାର ପ୍ରଧାନ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହଦାୟକ ଓ ପ୍ରେରଣାମୂଳକ ଭାଷଣ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ, ସମ୍ବଲପୁରୀ ନୃତ୍ୟ ଓ ବିଭିନ୍ନ ସାଂସ୍କୃତିକ ନୃତ୍ୟ ଓ ନାଟ୍ୟ ପ୍ରଦର୍ଶନ କରିଥିଲେ, ଯାହା ଦର୍ଶକମାନଙ୍କୁ ମନୋରଞ୍ଜନ ଓ ଆନନ୍ଦ ଦେଇଥିଲା। ବିଶେଷ କରି ପ୍ରି-ପ୍ରାଇମାରୀ ଛାତ୍ରଛାତ୍ରୀମାନଙ୍କର ପ୍ରଦର୍ଶନ ସମସ୍ତଙ୍କର ମନ ଜିତିନେଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ବାର୍ଷିକ ପ୍ରତିବେଦନ ପ୍ରସ୍ତୁତ କରି ବିଦ୍ୟାଳୟର ସଫଳତା, ଶିକ୍ଷାଗତ ଓ ସହ-ପାଠ୍ୟକ୍ରମୀୟ କାର୍ଯ୍ୟକଳାପ ବିଷୟରେ ଅଲୋଚନା କରିଥିଲେ। ଏହା ସହ ଉତ୍କୃଷ୍ଟ ଫଳାଫଳ ଓ କୃତିତ୍ୱ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷା ଦାୟିତ୍ୱ ଅଧିକାରୀଙ୍କ ଦ୍ୱାରା ଧନ୍ୟବାଦ ଜ୍ଞାପନ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା।

## ଖୋର୍ଦ୍ଧାରୋଡ଼ ଡିଆର୍‌ଏମ୍‌ଙ୍କ ଦ୍ୱାରା ଚାରି ରେଳ କର୍ମଚାରୀ ସମ୍ମାନିତ

ଜଟଣୀ, (ସବ୍ୟୁ) :ଉତ୍ସର୍ଗୀକୃତ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ମଣ୍ଡଳ ପ୍ରବନ୍ଧକ ଡ଼ି ସୁନୀଲ ଟ୍ରେନ ପରିଚାଳନାର ନିରାପତ୍ତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ଚାରିଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି । ସେମାନେ ହେଲେ ଯଥାକ୍ରମେ ଖୋର୍ଦ୍ଧାରୋଡ଼ ମେମୁ ସେଡରେ କାର୍ଯ୍ୟରତ ବାସୁଦେବ ସାହୁ (ଟେକ୍-ଓ/ଖୋର୍ଦ୍ଧା ରୋଡ଼), ତନ୍ମୟ କୁମାର ସାହୁ (ଟିଏମ -ଓଠ/ଭୁବନେଶ୍ୱର ), ଏ.ବି. ରାଜଗୁରୁ (ସୁରକ୍ଷା ପରାମର୍ଶଦାତା/ଖୋର୍ଦ୍ଧାରୋଡ଼ ), ଏବଂ ଅଶୋକ ଚୌଧୁରୀ (ଟିଏମ -ଓଓ/ ହରିଚନ୍ଦନପୁର) । ଏହି କାର୍ଯ୍ୟକ୍ରମରେ ରେଳମଣ୍ଡଳର ଅତରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ପି.କେ. ବେହେରା ଓ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଯୋଗଦାନ କରିଥିବାବେଳେ ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋନାରାୟଣ ମିନା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମରଣାନ୍ତକ ଆକ୍ରମଣ ଘଟଣାରେ ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ବରିଷ୍ଠ ନାଗରିକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବଡବଜାର ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ପାଣିଗ୍ରାହୀ ଗଣପତିନଗର ୫ମ ଲାଇନର ସଞ୍ଜୟ ନନ୍ଦ(୪୩) । ମାମଲା ନଂ୧୧୯/୨୬ ରେ ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ସୂଚନାପ୍ରକାରେ, ଅଭିଯୁକ୍ତ ସଞ୍ଜୟ ନିଜ ସ୍ତ୍ରୀ ସଂଘମିତ୍ରା ଓଦୁଇ ଝିଅଙ୍କୁ ନିର୍ଯାତନା ଦେବା ସହ ଖାଇବାକୁ ଦେଉନଥିବା ଅଭିଯୋଗ ହୋଇଥିଲା । ସ୍ୱାମୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହେବା ପରେ ସଂଘମିତ୍ରା ବିଭିନ୍ନ ମହଲରେ ଅଭିଯୋଗ କରିବାକୁ ପ୍ରସ୍ତୁତ ହେଉଥିଲେ । ଏଭଳି ସ୍ଥିତିରେ ଶ୍ରୀରାମ ନଗରର ବରିଷ୍ଠ ସମାଜସେବୀ ପ୍ରଦୀପ କୁମାର ଡାକୁଆ (୬୫) ତାଙ୍କୁ ମାମଲା ଲଢିବାରେ ସହଯୋଗ କରୁଥିଲେ । ଏହା ଜାଣିବା ପରେ ଅଭିଯୁକ୍ତ ସଞ୍ଜୟ ପ୍ରତିଷାଧପରାୟଣ ହୋଇ ଯାଇଥିଲେ । ରବିବାର ଦିନ ପ୍ରାୟ ୧ଟା ସମୟରେ ସଞ୍ଜୟ ଶ୍ରୀରାମ ନଗର ଛକ ନିକଟରେ ପ୍ରଦୀପଙ୍କୁ ଅତି ଅମାନୁଷିକ ଭାବେ ଗୋଇଠା ଓ ବିଧା ମାରି ରକ୍ତାକ୍ତ କରି ଦେଇଥିଲେ । ଆକ୍ରମଣରେ ପ୍ରଦୀପଙ୍କ ଜଙ୍ଘ ହାଡ଼ ଭାଙ୍ଗି ଯାଇଥିବା ବେଳେ ସେ ଏବେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି ।

# ଓଡ଼ିଆ ଭାଷା ସାହିତ୍ୟର ଶ୍ରୀବୃଦ୍ଧି ସାଧନରେ ଭଞ୍ଜନଗରର ଭୂମିକା

ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ଆର୍.ଏମ୍.ସଭାକକ୍ଷରେ ଓଡ଼ିଆ ଭାଷା ସାହିତ୍ୟର ଶ୍ରୀବୃଦ୍ଧି ସାଧନରେ ଭଞ୍ଜନଗରର ଭୂମିକା ଉପରେ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଲୋହରାଖଣ୍ଡି ସାହିତ୍ୟ ସଂସଦ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ସଂସଦର ସଭାପତି ଡକଟର ଅଶୋକ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ପୌର ପରିଷଦ ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ବିଶିଷ୍ଟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଯୋଗାନନ୍ଦ ସାହୁ, ବରେଣ୍ୟ ଅତିଥିଭାବେ କବି ତଥା ସୁସାହିତ୍ୟିକ ପ୍ରଶାନ୍ତ ମହାନ୍ତି, ସମ୍ମାନୀୟ ଅତିଥି ଭାବେ ସାହିତ୍ୟିକ ଡ଼କଟର ଲମ୍ବୋଦର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡକଟର କାହ୍ନୁଚରଣ ପାଢ଼ୀ, ସମ୍ମାନୀୟ ବକ୍ତାଭାବେ ଗୀତିକାର ମୋତିଲାଲ ପତି ଉପସ୍ଥିତ ରହି ଓଡ଼ିଆ ଭାଷା ସାହିତ୍ୟର ଶ୍ରୀବୃଦ୍ଧି ସାଧନରେ ଭଞ୍ଜନଗରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ବକ୍ତାମାନେ କହିଥିଲେ । କାର୍ଯ୍ୟକ୍ରମକୁ ସଂସଦର ପରିଚାଳନା ସମ୍ପାଦିକା ପ୍ରଭାତୀ ମଞ୍ଜରୀ ବେହେରା ପରିଚାଳନା କରିଥିବା ସମୟରେ ଅତିଥି ପରିଚୟ ପ୍ରଦାନ କରିଥିଲେ ସଂସଦର ସଦସ୍ୟା ସୁଜାତା ଷଡ଼ଙ୍ଗୀ । ଅତିଥି ଆହ୍ୱାନ କରିଥିଲେ ସଦସ୍ୟ ସୁନୀଲ କୁମାର ପାଣି । ଆନନ୍ଦ ସଙ୍ଗୀତାୟନର ସମ୍ପାଦକ ଅଶୋକ କୁମାର ମହାପାତ୍ର ଏବଂ ତାଙ୍କର ସାଥୀମାନେ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିଲେ । ସୁବାସ ଚନ୍ଦ୍ର ତାରିଣୀଙ୍କ କବିତା ପୁସ୍ତକ "ବର୍ଣ୍ଣବିଭା', ରୀତାରାଣୀ ମହାପାତ୍ରଙ୍କ ଅନୁବାଦ ପୁସ୍ତକ "କନ୍ଧମାନଙ୍କ ଅଞ୍ଚଳ ଫୁଲବାଣୀ', କଳ୍ପନା କୁମାରୀ ପ୍ରଧାନଙ୍କ ଗଳ୍ପ ପୁସ୍ତକ "ସାୟାହ୍ନର ସୂର୍ଯ୍ୟ' ସହିତ ସୁନିଲ ପାଣିଙ୍କ ସମ୍ପାଦିକ "ଭଞ୍ଜ ଜ୍ୟୋତି'ର ମାର୍ଚ୍ଚ ସଂଖ୍ୟା ଉନ୍ମୋଚିତ ହୋଇଥିଲା । ଓଡ଼ିଶା ସାହିତ୍ୟ ଏକାଡ଼େମୀର ସହ ସଚିବ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସଂସଦର ସମ୍ପାଦକ ଚିନ୍ମୟ କୁମାର ବେବର୍ତ୍ତା କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରକାଶ କରିଥିଲେ । ସଦସ୍ୟା ଲୋପାମୁଦ୍ରା ରଥ ଧନ୍ୟବାଦ ପ୍ରଦାନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ସଂସଦର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂସଦର ସାଙ୍ଗଠନିକ ସମ୍ପାଦିକା କଳ୍ପନା କୁମାରୀ ପ୍ରଧାନ ଏବଂ ସହ ସମ୍ପାଦକ ତ୍ରିନାଥ ବେହେରା କବିତା ସଂଯୋଜନା କରିଥିଲେ । ୫୦ଜଣ ଆମନ୍ତ୍ରିତ କବି ନିଜର ସ୍ୱରଚିତ କବିତା ପାଠ କରିଥିଲେ । ସଦସ୍ୟା ବିଷ୍ଣୁପ୍ରିୟା ପତି ଅତିଥି ଆହ୍ୱାନ କରିଥିବାବେଳେ ସଦସ୍ୟା ଶୁଭସ୍ମିତା ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ ।

# କଳାବାଘ ଛାଲ ଜବତ, ୯ ଗିରଫ



ବାରିପଦା, (ସବ୍ୟୁ) : ବାରିପଦା ବନାଞ୍ଚଳରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାରିପଦା ଡିଏଫ୍ଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଏସିଏଫ୍ ମେହେରବାନ ଅଲ୍ଲୀ ଓ ଏସିଏଫ୍ ପ୍ରଦୀପ କୁମାର ଦେ ପ୍ରମୁଖ ଯୋଗଦେଇ କଳା ବାଘଛାଲ ଜବତ ହେବା ସହ ୯ଶିକାରୀ ଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟଅଭିଯୁଚ୍ଛ ଧରିବା ପାଇଁ ବନବିଭାଗ ପକ୍ଷରୁ ତନାଘନା ଚାଲିଛି ବୋଲିସୂଚନା ଦେଇଥିଲେ। ବନବିଭାଗ ପକ୍ଷରୁ ରବିବାର ସକାଳେ ଏକ କଳାବାଘର ଛାଲ ଜବତ କରାଯାଇଥିଲା । କୁଳିଅଣା ଅଞ୍ଚଳରେ ବାଘଛାଲ ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ବନବିଭାଗ ପକ୍ଷରୁ ଯୋଜନାବଦ୍ଧ ଭାବେ ଚଢାଉ କରାଯାଇଥିଲା । ଘଟଣାସ୍ଥଳରୁ ଏକ କଳାବାଘର ଚମଡ଼ା ଜବତ କରିବା ସହିତ ଏଥିରେ ଜଡିତ ଥିବା ୯ ଅଭିଯୁକ୍ତଙ୍କୁ ଗିରଫ କରାଯଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି । ମୃତ ବାଘଟି ୩ବର୍ଷର ହୋଇଥିବା ତଥା ଦୁଇମାସ ତଳେ ଶିକାର କରାଯାଇଥିବା ଆକଳନ କରିଛି ବନବିଭାଗ । କଳାବାଘ କେବଳ ଶିମିଳିପାଳ ଅଭୟାରଣ୍ୟରେ ରହିଥିବାବେଳେ କଳାବାଘ ବା' ମିଲାନିଷ୍ଟିକ୍ ଟାଇଗର ପ୍ରତି ବିପଦ ଘନେଇଛି । ଏଥିରେ ଏକ ବଡ଼ ବାଘଛାଲ ର୍ୟାକେଟ୍ କାମ କରୁଥିବା ସନ୍ଦେହରେ ବାରିପଦା ବନଖଣ୍ଡ ଅଧିକାରୀ ଓ ଶିମିଳିପାଳ ଦକ୍ଷିଣ ଡିଭିଜନର ଉପ-ନିର୍ଦ୍ଦେଶଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିବା ସହିତ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି । ଏହି ଘଟଣାରେ ଏକ ବଡ ର୍ୟାକେଟ୍ ସକ୍ରିୟ ଥିବାବେଳେ ସେମାନଙ୍କୁ ଧରିବା ପାଇଁ ବନବିଭାଗ ପକ୍ଷରୁ ଧରପକଡ ଚାଲିଛି ।

# ଭଞ୍ଜସେନା ପକ୍ଷରୁ ବାରିପଦା ପୌରପରିଷଦ କାର୍ଯ୍ୟାଳୟ ଘେରାଉ ଓ ବିକ୍ଷୋଭ



ବାରିପଦା, (ସବ୍ୟୁ) : ବାରିପଦା ପୌରପାଳିକା ତରଫରୁ ସହରରେ ଜୈନିକ ଠିକାଦାରଙ୍କର ଦ୍ୱାରା ଅସମ୍ପୂର୍ଣ୍ଣ ଥିବା ୪ ଗୋଟି ପୋଖରୀର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ ସେଥିମଧ୍ୟରୁ ଥିବା ବହୁ ପୁରାତନ ଝିଞ୍ଜିରୀବନ୍ଧ ସହିତ ତାର ସନ୍ନିକଟ ଜୁବୁଲି ପାର୍କକୁ ମିଶାଇ ଏକ ପ୍ରୋଜେକଫ ଏବଂ ଷ୍ଟେସନ ହାଟ ପ୍ରୋଜେକଫ, ଆଉ ଉଭୟ କାର୍ଯ୍ୟକୁ ମିଶାଇ ୫୦ କୋଟିରୁ ଉଦ୍ଧର୍ବ ଟଙ୍କାର କାର୍ଯ୍ୟ ଗୁଡିକୁ ବିନା ଟେଣ୍ଡର ଦ୍ୱାରା ଜିଲ୍ଲା ଠିକାଦାରଙ୍କୁ ଉପେକ୍ଷା କରି ରାଜ୍ୟ ବାହାର କୌଣସି ଏକ ସମବାୟ ସଂସ୍ଥାକୁ ଦିଆଯାଇଥିବା ନେଇ ଭଞ୍ଜସେନା ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହାର ଏକକିତା ନକଲ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ଓଡିଶା, ବିଭାଗୀୟ ମୁଖ୍ୟ ସଚିବ, ରାଜ୍ୟ ନଗର ଉନ୍ନୟନ ବିଭାଗ, ନିର୍ଦ୍ଦେଶକ, ଓଡିଶା ଭିଜିଲାନ୍ସ ବିଭାଗ, ଅଧକ୍ଷ, ବାରିପଦା ପୌରପାଳିକା, ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା ପ୍ରମୁଖଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା । ଯଦି ଅଗାମୀ ୭ଦିନ ଭିତରେ ଜିଲ୍ଲାପ୍ରଶାସନ ପକ୍ଷରୁ ଦିଆଯାଇଥିବା ଦାବୀ ବାବଦରେ କୌଣସି ପଦକ୍ଷେପ ନିଆ ନଯାଏ ତେବେ ସଂଗଠନ ପକ୍ଷରୁ ବାରିପଦା ପୌରପାଳିକା କାର୍ଯ୍ୟାଳୟ ଘେରାଓ କରାଯିବାର ଯୋଉ ଘୋଷଣା ହୋଇଥିଲା। ସେହି ପରିପ୍ରେକ୍ଷୀରେ ଆଜି ଭଞ୍ଜସେନା, ବାରିପଦା ସହର ଶାଖା ପକ୍ଷରୁ ବାରିପଦା ମ୍ୟୁନିସିପାଲଟି ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଏଭଳି ଦୁର୍ନୀତି ଓ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ସ୍ଲୋଗାନ ମାନ ଦିଆଯାଇଥିଲା ତାସହିତ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ, ବାରିପଦା ମ୍ୟୁନିସିପାଲଟି ନଗରପାଳ ଏବଂ ବାରିପଦା ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀଙ୍କୁ ଭେଟି ଆଲୋଚନା ଆଳରେ ଆଗାମୀ ଦିନରେ ଯଦି ଏହି ଧାରା ବଜାୟ ରୁହେ ତେବେ ସମଗ୍ର ବାରିପଦା ମ୍ୟୁନିସିପାଲଟିକୁ ଅଚଳ କରାଯିବା ସହିତ ଦୁର୍ନୀତି କାର୍ଯ୍ୟ ଏବଂ ଦୁର୍ନୀତି ଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଆଇନର ଆଶ୍ରୟ ମଧ୍ୟ ନିଆଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା । ଭଞ୍ଜସେନା ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ହୋଇଥିବା ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ଆବାହକ ରାକେଶ ବେହେରା, ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ବରିଷ୍ଠ ସଦସ୍ୟ ସିଙ୍ଗରାୟ ହେମ୍ବ୍ରମ, ଅମିତ କୁମାର, ସଞ୍ଜୟ ମହାର୍ଣ୍ଣା, ସଞ୍ଜୟ ମହାନ୍ତ, ଏମ୍. ଡି ରାଜା, ଦୀପକ କୁମାର ବେହେରା, ଜିତୁ ସିଂ, ଏମ୍.ଡି ଇସଲାମ, ସୁନୀଲ ମହାପାତ୍ର, ଗୌରାଙ୍ଗ ଚକ୍ରବର୍ତ୍ତୀ, ପ୍ରଦୀପ ପଣ୍ଡା, ରାକେଶ କୁମାର ଆଚାର୍ଯ୍ୟ, ଅନନ୍ତ ଘଡେଇ, ସତ୍ୟ ପୃଷ୍ଟି, ଆକାଶ ବାରିକ, ବୁଧୁରାମ ସିଂ, ରାଜେଶ ଘଡେଇ, ବିକାଶ ମୁଦୁଲି, ପିଣ୍ଟୁ ମୁଦୁଲି, ରାଜକିଶୋର ମୁର୍ମୁ, ଜୀବନ ସିଂ, ଚନ୍ଦନ ସିଂ, ସଂଜୀବ ହାଁସଦାଃ, ରାଜା ମହାଲି, ଏମ୍.ଡି ସାହିଲ, ପଙ୍କଜ କରଣ, ବାପୁନ ରାଉଳ, ଉମେଶ ପ୍ରଧାନ, ଲିପୁନ ପୃଷ୍ଟି, ସନ୍ଦୀପ ନାୟିକ, ବାପୁନ ଦାସ, ପ୍ରକାଶ ଦାସ, ଆକାଶ ବେହେରା, ଯୋଗେଶ୍ୱର ଦେହୁରୀ ଓ ପଦ୍ମ ମୁଖି ପ୍ରମୁଖଙ୍କ ସହିତ ଶତାଧିକ ଅଧିକ ଯୁବଛାତ୍ର ସଂଗଠକ ମାନେ ଉପସ୍ଥିତ ଥିଲେ ବୋଲି ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତିରେ ମାଧ୍ୟମରେ ଜଣାଇଛନ୍ତି।

## ବାଇକ ଲୁଟେରା ଗିରଫ

ବ୍ରହ୍ମପୁର, (ସବ୍ୟୁ): ସଦର ଥାନା ପୋଲିସ ଜଣେ ବାଇକ ଲୁଟେରାଙ୍କୁ ଗିରଫ କରିଛି । ତା ନିକଟରୁ ଏକ ବାଇକ ଜବତ କରିଛି । ଅଭିଯୁକ୍ତ ଜଣଙ୍କ ନିମଖଣ୍ଡି ଥାନା ଅନ୍ତର୍ଗତ ବୁରୁକୁଦି ଗ୍ରାମର ଦିବାକର ବିଷୋୟୀ (୪୨) । ମାମଲା ନଂ ୫୦/୨୬ ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ଗତ ୫ ତାରିଖ ସକାଳେ ବାଲିପଡ଼ା ଶିବ ମନ୍ଦିର ନିକଟରେ ରିଣ୍ଟୁ ଗୌଡ଼ ତାଙ୍କର ହିରୋ ସ୍ପ୍ଲେଣ୍ଡର ନଂ( ଓଡ଼ି ୦୭ ଏଚ୍୧୭୪୭) ପାର୍କିଂ କରିଥିଲେ । ସେ ମନ୍ଦିର ଭିତରକୁ ଯାଇ ଦର୍ଶନ କରି ଫେରିବା ବେଳେ ସେଠାରୁ ତାଙ୍କ ବାଇକ ଗାୟବ ହୋଇଯାଇଥିଲା । ସେ ଖୋଜାଖୋଜି କରି ନିରାଶ ହୋଇଥିଲେ । ପରେ ଏନେଇ ଉକ୍ତ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଗାଡ଼ି ନଂ ଟ୍ରାକିଂ କରୁଥିଲା । ସୋମବାର ପୋଲିସ ଉକ୍ତ ଅଭିଯୁକ୍ତଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ଏକ ଚୋରି ବାଇକ ଜବତ କରିଥିଲା । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ କବିତା ଦିବସ

ବ୍ରହ୍ମପୁର, (ସବ୍ୟୁ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ବିଶ୍ୱ କବିତା ଦିବସ ଅବସରରେ ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଯାଇଛି । ବିଭାଗ ମୁଖ୍ୟ ଡ ଉଷାରାଣୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱ କବିତା ଦିବସ ପାଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉଦଘାଟନ ଅବସରରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ ପଟ୍ଟନାୟକ ବିଶ୍ୱ କବିତା ଦିବସ ପାଳନର ଉଦ୍ଦେଶ୍ୟ ଓ ଇତିହାସ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ବିପିନ ନାୟକ ଯୋଗ ଦେଇ ସାମ୍ପ୍ରତିକ ଯୁଦ୍ଧ ବିକ୍ଷୁବ୍ଧ ପୃଥିବୀରେ କବିତା ଦିବସ ପାଳନର ଗୁରୁତ୍ୱ ରହିଥିବା କଥା କହିବା ସହ କବିତା ହିଁ ସବୁ ଅଶାନ୍ତ ଅସନ୍ତୋଷ ମଧ୍ୟରେ ଚେନାଏ ଜହ୍ନ ଆଲୁଅ ପରି ଶୀତଳତା ପ୍ରଦାନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡ. ବନମାଳୀ ପାଣିଗ୍ରାହୀ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମ ଶେଷରେ ଇଂରାଜୀ ବିଭାଗର ଅଧ୍ୟାପିକା ଚିନ୍ମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଷୋୟୀଙ୍କ ସମେତ ବିଭାଗର ବହୁ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# ସୂର୍ଯ୍ୟ ନାରାୟଣ ଦାସ ବିଜେପି ଗଞ୍ଜାମ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି

ବ୍ରହ୍ମପୁର, (ସବ୍ୟୁ): ଭାରତୀୟ ଜନତା ପାର୍ଟି ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ କୃଷକମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ଶେଖର ପାଢ଼ୀ ଏଂ ଜିଲ୍ଲା ସଭାପତି ସରୋଜ ସାବତଙ୍କ ମନୋନୀତରେ ଗଞ୍ଜାମ ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ଭାବେ ସୂର୍ଯ୍ୟ ନାରାୟଣ ଦାସଙ୍କୁ ଦାଇତ୍ୱ ପ୍ରଦାନ କରାଯାଇଛି । ସୂର୍ଯ୍ୟ ନାରାୟଣ ଦାସ ଏହା ପୂର୍ବରୁ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଏବଂ ସଭାପତି ଭାବେ କାର୍ଯ୍ୟ ତୁଲାଇ ଥିଲେ, ତା ସହ ରାଜ୍ୟ କୃଷକ ମୋର୍ଚ୍ଚାର ସଂଯୋଜକ ଦାୟିତ୍ୱରେ ଥିଲେ । ଶ୍ରୀ ଦାସ ବିଶ୍ୱ ହିନ୍ଦୁ ପରିଷଦର ଏଂ ବଜରଙ୍ଗ ଦଳର ଜିଲ୍ଲା ଦାୟିତ୍ୱ ତୁଲାଇବା ସହ ଗଜପତି ଜିଲ୍ଲାର ପ୍ରଚାରକ ଭାବେ କାର୍ଯ୍ୟ କରି ଆସିଛନ୍ତି । ଅଯୋଧ୍ୟା ରାମ ଲାଲା କାର ସେବା ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ । ଏହି ପରି ଦକ୍ଷ ଦୃଢ଼ କାର୍ଯ୍ୟ କର୍ତାଙ୍କୁ ପୁଣି ଥରେ କୃଷକ ମୋର୍ଚ୍ଚାର ସଭାପତି ଦାୟିତ୍ୱ ଦିଆଯାଇଥିବାରୁ ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ମାଝି, ମନ୍ତ୍ରୀ ବିଭୁତି ଜେନା , ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟ କୃଷକମୋର୍ଚ୍ଚା ସଭାପତି ଶ୍ରୀ ପାଢ଼ୀ ପ୍ରମୁଖଙ୍କ ସହ ଜିଲ୍ଲାର ସମସ୍ତ ବିଧାୟକ ଅନ୍ତରରୁ ଧନ୍ୟବାଦ୍ ଜଣାଇଥିଲେ । ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ କାର୍ଯ୍ୟ କର୍ତ୍ତା ମାନେ ଶ୍ରୀ ଦାସଙ୍କୁ ସ୍ୱାଗତ କରିଥିଲେ ।

# ଡ. ରାମମନୋହର ଲୋହିଆ ଜୟନ୍ତୀ ଓ ଭଗତ ସିଂ ଫାଶୀ ଦିବସ

ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ନବୀନ ଭବନ ଠାରେ ବରିଷ୍ଠ ସାମ୍ବାଦିକ ରବି ରଥଙ୍କ ଅଧ୍ୟକ୍ଷତାରେ ରାମ ମନୋହର ଜୟନ୍ତୀ ତଥା ଭଗତ ସିଂ ଫାସୀ ଦିବସ ପାଳିତ ହୋଇଯାଇଛି । ସଭାପତି ତାଙ୍କ ଭାଷଣରେ ସ୍ୱର୍ଗତ ଲୋହିଆ ଏବଂ ଭଗତ ସିଂ ବ୍ରିଟିସ କବଳରୁ ଭାରତବର୍ଷକୁ ମୁକ୍ତ କରିବା ପାଇଁ ଯେଉଁ ଐତିହାସିକ ପଦକ୍ଷେପ ନେଇଛନ୍ତି ତାହା ଇତିହାସରେ ବିରଳ । ଅନ୍ୟତମ ବକ୍ତା ବରିଷ୍ଠ ଶିକ୍ଷକ ନେତା ଅଶୋକ ଦଳାଇ ଡ ଲୋହିଆଙ୍କ ସପ୍ତକ୍ରାନ୍ତି ଆଜି ମଧ୍ୟ ଅପରିହାର୍ଯ୍ୟ ହୋଇପଡିଛି ଏବଂ ଆଜିର ଦିନରେ ତାହାର ଆବଶ୍ୟକତା ଅନୁଭବ ହେଉଛି । ସମଦୃଷ୍ଟି ସମ୍ପାଦକ ବିଘ୍ନେଶ୍ୱର ସାହୁ ଭଗତ ସିଂଙ୍କ ଜୀବନୀ ବୃତାନ୍ତ ତଥା ଆଜିର ଯୁବ ପିଢ଼ି ଭଗତ ସିଂଙ୍କ ଆଦର୍ଶରେ ସାମିଲ ହେବା ତଥା ଭଗତ ସିଂଙ୍କ ସାହିତ୍ୟକୁ ବହୁମାତ୍ରାରେ ପଢିବାକୁ ଆହ୍ୱାନ ଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ କୁମୁଦ ଚନ୍ଦ୍ର ବେହେରା ଦୁଇ ମହାନ ବିପ୍ଳବୀଙ୍କ ଭାରତୀୟ ଯୁବ ମାନସ ପ୍ରତିଥିବା ସମ୍ବେଦନଶୀଳତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କୃଷି ବିଜ୍ଞାନୀ ଡ ଡମ୍ବୁରୁଧର ସାହୁ, ନବୀନ ସାହିତ୍ୟ ପ୍ରତିଷ୍ଠାନର ସମ୍ପାଦକ ସୁଶାନ୍ତ କର ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ରେଡିଓ ଷ୍ଟେସନ ଠାରୁ ଧୋବା ନାଳ ପର୍ଯ୍ୟନ୍ତ ରାସ୍ତାର ଆଲୋକିକରଣ

ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ରେଡିଓ ଷ୍ଟେସନ ଠାରୁ ଧୋବାନାଳ ରାସ୍ତାର ଆଲୋକିକରଣ ବିଧାୟକ ହାତ ପାଣ୍ଠିରୁ ୧୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୦ଟି ଖୁଣ୍ଟରେ ୪ ଟି ଲେଖାଏଁ ସର୍ବ ମୋଟ ୪୦ ଗୋଟି ଏଲ୍ଇଡି ଲାଇଟ୍ର ଉଦଘାଟନ ବିଧାୟକ କେ. ଅନିଲ କୁମାରଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଅବସରରେ ସ୍ଥାନୀୟ ୨୪ ନମ୍ବର ଓ୍ୱାର୍ଡ଼କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଙ୍କ ସୁଶାନ୍ତ କୁମାର ଡୁଙ୍ଗୁଡୁଙ୍ଗ୍, ସହକାରୀ ଯନ୍ତ୍ରୀ ସଂଜୀବ କୁମାର ପ୍ରଧାନ, ଗେଟ ବଜାର ମଣ୍ଡଳ ସଭାପତି ସିଏଚ ବିକ୍ରମ ଦାସଙ୍କ ସମେତ ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଗଣ ଉପସ୍ଥିତ ଥିଲେ ।

# ବେଆଇନ ମଦ କାରବାର, ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ବେଆଇନ ମଦ କାରବାର ହେଉଥିବା ଅଭିଯୋଗରେ ବ୍ରହ୍ମପୁର ଟାଉନ ଥାନା ପୋଲିସ ବିଜିପୁର ସାନ ବାଉରି ସାହିର ଶଙ୍କର ଦାସ (୩୯)ଙ୍କୁ ଗିରଫ କରିଛି । ମାମଲା ନଂ ୧୧୯/୨୬ ରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରୁ ପ୍ରକାଶ ଯେ, ବିଜିପୁର କେନାଲ ରୋଡ ଅଞ୍ଚଳରେ ଜଣେ ବ୍ୟକ୍ତି ବେଆଇନ ମଦ ବିକ୍ରି କରୁଥିବା ଅଭିଯୋଗରେ ଟାଉନ ଥାନା ପକ୍ଷରୁ ଚଢଉ କରାଯାଇଥିଲା । ଚଢଉ ବେଳେ ଅଭିଯୁକ୍ତ ଶଙ୍କର ନିକଟରୁ ପୋଲିସ ୧୮ ଲିଟର ମଦ, ୧୦ଟି ଖାଲି ପ୍ଲାଷ୍ଟିକ ବୋତଲ ଓ ଗୋଟିଏ କାହାଲୀ ଜବତ କରିଥିଲା । ଶଙ୍କର ନାମରେ ପୂର୍ବରୁ ବ୍ରହ୍ମପୁର ଟାଉନ ଓ ବୈଦ୍ୟନାଥପୁର ଥାନାରେ ୫ଟି ଅବକାରୀ ମାମଲା ରହିଥିବା ପୋଲିସ ତଦନ୍ତରୁ ଜଣାପଡିଛି ।

# ଶ୍ରମ କୋଡ଼ ବାତିଲ ଦାବିରେ ଇଫଟୁର ପ୍ରତିବାଦ
## ଡେଲି ୱେଜେସ ଆଉଟସୋରସିଂ କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ




ବ୍ରହ୍ମପୁର, (ସବ୍ୟୁ): ଶ୍ରମିକ ଶ୍ରେଣୀଙ୍କ ବିରୋଧ ସେ%୦ ଦେଶରେ ଆସନ୍ତା ଏପ୍ରେଲ ପହିଲାରୁ କେନ୍ଦ୍ର ସରକାର ୨୯ ଟି ଶ୍ରମ ଆଇନକୁ ସମାପ୍ତ କରି ଚାରୋଟି ଶ୍ରମ କୋଡ଼କୁ ଲାଗୁ କରିବାକୁ ଯାଉଛନ୍ତି । ସରକାରଙ୍କ ଉପରୋକ୍ତ ଶ୍ରମିକ ବିରୋଧୀ ଓ କର୍ପୋରେଟ୍ ସପକ୍ଷବାଦୀ ନିଷ୍ପତି ବିରୁଦ୍ଧରେ ଆଜି ଦେଶର ମହାନ୍ ଶହୀଦ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ବଳିଦାନ ଦିବସରେ ସର୍ବଭାରତୀୟ ଶ୍ରମିକ ସଂଗଠନ ଆଇଏଫଟିୟୁ (ଇଫଟୁ) ପକ୍ଷରୁ ସାରାଦେଶରେ ପ୍ରତିବାଦ ଦିବସ ପାଳନ କରାଯାଉଥିବା ବେଳେ ଏହି ଅବସରରେ ଆଜି ଜିଲ୍ଲାର ଶ୍ରମିକ ଓ କର୍ମଚାରୀମାନଙ୍କ ଏକ ମିଳିତ ରାଲି ସ୍ଥାନୀୟ କମାପଲ୍ଲୀ ଛକରୁ ବାହାରି ଆରଡିସିଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ପ୍ରତିବାଦ କରିଥିଲା । ରାଜ୍ୟରେ ଠିକା ଆଉଟସୋର୍ସିଙ୍ଗ କର୍ମଚାରୀମାନଙ୍କ ଭଳି ଅସ୍ଥାୟୀ କର୍ମଚାରୀ ମାନେ ସ୍ୱଳ୍ପ ଦରମାରେ ନାନାଦି ଅସୁବିଧା ମଧ୍ୟରେ ସରକାରୀ ବିଭାଗକୁ ଚଳାଇ ଆସୁଥିବା ବେଳେ ଏହି କୋଡ଼ ଲାଗୁ ହେଲେ ଏହି ଶ୍ରେଣୀ ନିଜର ଦାବୀକୁ ଉଠାଇବା ପାଇଁ ସଙ୍ଘ ପଞ୍ଜୀକରଣ କରିବା କିମ୍ବା କୌଣସି ଆନ୍ଦୋଳନ କରିବା କଷ୍ଟସାଧ ହୋଇଯିବ । ଏପରିକି କର୍ପୋରେଟ ସପକ୍ଷବାଦୀ ଏହି କୋଡ଼ ଜରିଆରେ ସରକାର ଅଗ୍ନିବୀର ପରି ସ୍ଥିର ଅବଧି ନିଯୁକ୍ତି ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଥିବାରୁ ଆଗାମୀ ଦିନରେ ସ୍ଥାୟୀ ଓ ନିୟମିତ ନିଯୁକ୍ତି ସ୍ୱପ୍ନ ହୋଇଯିବ । କୋର୍ଡ଼ରେ ଶ୍ରମ ବିଭାଗର କ୍ଷମତାକୁ ଖର୍ବ କରି ତାକୁ ନିରୀକ୍ଷଣ ଦାୟୀତ୍ୱରୁ ମୁକ୍ତ କରାଯାଇଥିବାରୁ ସେମାନେ ଶ୍ରମିକମାନଙ୍କ ଅଧିକାର ହାନୀ ହେଲେ ନୀରବ ଦର୍ଶକର ଭୂମିକାରେ ଠିଆ ହେବେ । ଶ୍ରମ କୋର୍ଡ଼ ଜରିଆରେ ସରକାର ଦେଶର କୋଟି କୋଟି ଶ୍ରମିକ, କର୍ମଚାରୀଙ୍କୁ ଶ୍ରମ ଅଧିକାରର ପରିସରରୁ ବାହାର କରି ସେମାନଙ୍କୁ ଅଧିକାରହୀନ କରିବା ସହ ନିଯୁକ୍ତି ଦାତାଙ୍କୁ ଅଧିକ ଶକ୍ତିଶାଳୀ କରିବାକୁ ଚେଷ୍ଟା କରିଛନ୍ତି । ଏହା ଶ୍ରମିକ ଓ କର୍ମଚାରୀ ମାନଙ୍କୁ ଶୋଷଣ ଓ ଅନିଶ୍ଚିତତା ମଧ୍ୟକୁ ଠେଲି ଦେବ । ରାଜ୍ୟରେ କାମ କରୁଥିବା ଠିକା, ଆଉଟସୋର୍ସିଙ୍ଗ, ସ୍କିମ କର୍ମଚାରୀ ମାନଙ୍କୁ ରାଜ୍ୟ ସରକାର ବଜାର ଦର ଅନୁସାରେ ସର୍ବନିମ୍ନ ମଜୁରୀ ପ୍ରଦାନ କରୁନାହାନ୍ତି କି ପୂର୍ବ ସରକାରଙ୍କ ଦ୍ୱାରା ଘୋଷିତ ସୁବିଧାକୁ ବି ଯୋଗାଇ ଦେଉନାହାନ୍ତି । ସରକାରଙ୍କ ଦାୟିତ୍ୱ ହୀନତା ଲାଗି ରାଜ୍ୟସାରା କର୍ମଚାରୀମାନେ ଆଉଟସୋରସିଂ ଏଜେନ୍ସିମାନଙ୍କ ମନମାନିର ଶିକାର ହେଉଛନ୍ତି । ୩୦ ଦିନ କାମରେ ଲଗାଇ ୨୬ ଦିନ ଦରମା ଦେବା ଏବଂ ମାସର ସଠିକ ସମୟରେ ଦରମା ଦେବାରେ ମଧ୍ୟ ବିଫଳ ହେଉଥିବା ବେଳେ ବିନା କାରଣରେ ଶହଶହ କର୍ମଚାରୀଙ୍କୁ ଛଟେଇ କରିବା ବୃଦ୍ଧି ପାଇଛି । ଏହି ପ୍ରସଙ୍ଗରେ ସାରା ରାଜ୍ୟରେ କର୍ମଚାରୀମାନେ ଆନ୍ଦୋଳନ ଜାରୀ ରଖିଥିବା ବେଳେ ସରକାର କେବଳ ଭଣ୍ଡାଇବାରେ ଲାଗିଛନ୍ତି । ଆଜିର ପ୍ରତିବାଦ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ଶ୍ରମିକ ବିରୋଧୀ ଭିବି ରାମଜୀ ଆଇନ, ଓ ପ୍ରସ୍ତାବିତ ବିଦ୍ୟୁତ ବିଲ ୨୦୨୫ କୁ ବାତିଲ କରିବାକୁ ଦାବି କରାଯାଇଛି । ଏହି କାର୍ଯ୍ୟକ୍ରମରେ ବାମପନ୍ଥୀ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ, ଆଇଏଫଟିୟୁର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ପୌର କର୍ମଚାରୀ ନେତା ଉତ୍ତମ ନାୟକ, ବିନୋଦ ନାୟକ, ଟୁନା ରଥ ପ୍ରମୁଖ ନେତୃତ୍ୱ ନେଇଥିଲେ । ଏକ ସ୍ମାରକ ପତ୍ର ଆରଡିସିଙ୍କ ଜରିଆରେ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା ।

# ବାୟା ଅବଧୂତ ହାଇସ୍କୁଲରେ ୧୯୮୧ ବ୍ୟାଚର ବନ୍ଧୁ ମିଳନ



ତିର୍ତ୍ତୋଲ, (ସବ୍ୟୁ) : ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବାୟା ଅବଧୂତ ହାଇସ୍କୁଲରେ ୧୯୮୧ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ୪୫ ବର୍ଷ ପୂର୍ବେ ବିଦ୍ୟାଳୟ ଛାଡ଼ିଥିବା ବନ୍ଧୁମାନେ ଦୀର୍ଘଦିନ ପରେ ଏକାଠି ହୋଇ ପିଲାଦିନର ସ୍ମୃତିକୁ ରୋମନ୍ଥନ କରିଥିଲେ । ଏହି ଅବସରରେ ଅରବିନ୍ଦ କରଙ୍କ ସଂଯୋଜନାରେ ଅନୁଷ୍ଠିତ ବନ୍ଧୁମିଳନରେ ଭାରତୀ ଦାସ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ବିକାଶ ମହାପାତ୍ର ବନ୍ଧୁମିଳନର ଆଭିମୁଖ୍ୟ ଓ ବନ୍ଧୁତ୍ୱ ଉପରେ ଆଲୋକପାତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସନ୍ତୋଷ ରାଉତରାୟ, ପ୍ରଦୀପ୍ତ ମହାପାତ୍ର, ନରେନ୍ଦ୍ର ବେହେରା, ଚୈତନ୍ୟ ଜେନା, ରଞ୍ଜନ ପରିଜା, ପ୍ରଭାତ ସାହୁ, ସଂଯୁକ୍ତା ନନ୍ଦ, ମମତା ଦାଶ, ବନଶ୍ରୀ ମହାପାତ୍ର, ସୁଶାନ୍ତ ନାୟକ, କିଶୋର ଜେନା, ରଣଜିତ କାନୁନଗୋ, ପ୍ରବୋଧ ପରିଜା, ଚିତ୍ତରଞ୍ଜନ ମହାପାତ୍ର, ମଣ୍ଟୁ କର, ଗୟା ସୁଦିନ, ଜାବିର ଖାଁ, ବିଜୟ ବେହେରା, କୈଳାସ ଜେନା, ସୁରେନ୍ଦ୍ର ବେହେରା, ନିତ୍ୟାନନ୍ଦ ସ୍ୱାଇଁ, ଶିଶିର ଜେନା, ଭିକାରି ବେହେରା, ନୃସିଂହ ଲେଙ୍କା, ଅଭୟ ଦାସ, ହରିହର ବେହେରା, କୁଳମଣି ସୁତାର, ଶ୍ରୀଧର ବେହେରା ଓ ରଞ୍ଜନ ଦାଶ ପ୍ରଭୃତି ସାଙ୍ଗମାନେ ଉପସ୍ଥିତ ରହି ବନ୍ଧୁମିଳନକୁ ସରସ ସୁନ୍ଦର କରିଥିଲେ । ବନ୍ଧୁ ବିନୋଦ ବରାଳ ଆଭାସୀ ମାଧ୍ୟମରେ ବନ୍ଧୁମିଳନ ସହ ଯୋଡି ହୋଇଥିଲେ । ଶେଷରେ ବିଜୟ ସିଂ ଉପସ୍ଥିତ ସମସ୍ତ ବନ୍ଧୁମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ବାଲିପଦର ଆଞ୍ଚଳିକ କଲେଜ କର୍ମଚାରୀଙ୍କ ଅକାଳ ବିୟୋଗ

ବୁଗୁଡ଼ା, (ସବ୍ୟୁ) : ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପରୀକ୍ଷାଗାର ପରିଚାରକ ହିମାଂଶୁ ଶେଖର ମିଶ୍ରଙ୍କ ଅକାଳ(୫୯) ବିୟୋଗ ଘଟିଛି । ସ୍ୱର୍ଗତ ମିଶ୍ର ବାଲିପଦର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୯୯୩ ମସିହାରୁ ସେବା କରି ଆସୁଥିଲେ । ଆଜି ଦିବା ୧୧ ଘଣ୍ଟା ସମୟରେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ବିୟୋଗ ଘଟିଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଧର୍ମ ପତ୍ନୀ, ଦୁଇ ପୁଅ ଓ ପରିବାରର ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ । ସେ ଜଣେ ମେଳାପୀ, ମିଷ୍ଟଭାଷୀ, କର୍ତ୍ତବ୍ୟ ପରାୟଣ ଓ ପାରୋପକାରୀ ବ୍ୟକ୍ତି ଥିଲେ । ତାଙ୍କର ବିୟୋଗରେ ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ଓ ବାଲିପଦର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ଆତ୍ମାର ସଦଗତି ପାଇଁ ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସରୋଜକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଯୁକ୍ତ ୨ ଓ ଯୁକ୍ତ ୩ର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିବା ସଙ୍ଗେସଙ୍ଗେ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ ।

**(ଶ୍ରୀମଦ୍‌ଭଗବଦ୍ ଗୀତା ୨/୬୫)**
**ସାଂଖ୍ୟଯୋଗଃ**
**ଶ୍ରୀଭଗବାନୁବାଚ**
**ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋପଜାୟତେ ।**
**ପ୍ରସନ୍ନଚେତସୋ ହ୍ୟାଶୁ ବିଦ୍ଧିଃ ପର୍ଯ୍ୟବତିଷ୍ଠତେ ॥ ୬୫ ॥**
ଚିତ୍ତରେ ଶାନ୍ତି ଆସିଲେ ଏହାଙ୍କର ଆଧ୍ୟାତ୍ମିକାଦି ସର୍ବବିଧ ଦୁଃଖ ନଷ୍ଟ ହୁଏ ।
ମନ ପ୍ରସନ୍ନ ଥିବା ବ୍ୟକ୍ତିଙ୍କର ବୁଦ୍ଧି ଶୀଘ୍ର ସ୍ଥିର ହୁଏ ॥୬୫॥



# ସର୍ବାଧିକ ସମୟ ସରକାରୀ ମୁଖ୍ୟ ଭାବେ ମୋଦିଜୀ

ଭାରତର ସର୍ବାଧିକ ସମୟ ପର୍ଯ୍ୟନ୍ତ ସରକାରୀ ମୁଖ୍ୟ ଭାବେ ରହି ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଯାପନ କରି ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ରହିଥିଲେ ଗତ ୨୦୦୧, ଅକ୍ଟୋବର ୭ ତାରିଖରୁ ୨୦୧୪ ମେ' ୨୧ ପର୍ଯ୍ୟନ୍ତ ୪, ୬୧୦ ଦିନ ଯାଏଁ (ପ୍ରାୟ ୧୩ ବର୍ଷ) । ଏତେ ଦୀର୍ଘ ସମୟ ଧରି ଅନ୍ୟ କେହି ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରି ନାହାନ୍ତି । ସେହିପରି ଭାରତର ପ୍ରଧାନମନ୍ତ୍ରୀ ଭାବେ ଗତ ମେ ୨୬ (୨୦୧୪)ରୁ ସେ ଏ ପର୍ଯ୍ୟନ୍ତ କାର୍ଯ୍ୟ କରି ଆସିଛନ୍ତି । ସେହି ଦିନଗୁଡ଼ିକୁ ହିସାବ କଲେ ୪,୩୨୧ ଦିବସ ହେବ, ଯାହା ଏଗାର ବର୍ଷରୁ ଉର୍ଦ୍ଧ୍ୱ । ଏହିସବୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଦିବସଗୁଡ଼ିକୁ ମିଶାଇଲେ ୮, ୯୩୧ ଦିବସ ଯାଏଁ ସେ ସରକାରୀ ମୁଖ୍ୟ ଭାବେ ଭାରତରେ ସର୍ବାଧିକ ଦିବସ ଅବଧି କାର୍ଯ୍ୟ କରିବାର ସୁଯୋଗ ଲାଭ କରିଛନ୍ତି । ସିକିମର ମୁଖ୍ୟମନ୍ତ୍ରୀ ପଓ୍ୱନ କୁମାର ଚାମଲିଙ୍ଗ ସର୍ବାଧିକ ସମୟ ଶାସନର ମୁଖ୍ୟ ଭାବେ ୮,୯୩୦ ପର୍ଯ୍ୟନ୍ତ ରହିଥିଲେ । ମାତ୍ର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଗତ ୨୩ ମାର୍ଚ୍ଚ (୨୦୨୬)ରେ ତାଙ୍କୁ ମଧ୍ୟ ଅତିକ୍ରମ କରି ଯାଇଛନ୍ତି । ଏହା କମ୍ ବଡ଼ କଥା ନୁହେଁ । ଭାରତବାସୀଙ୍କ ପାଇଁ ଏହା ଈଶ୍ୱରଙ୍କ ଆଶୀର୍ବାଦ ବୋଲି କୁହାଯାଇ ପାରିବ । ଦୀର୍ଘ ପ୍ରାୟ ୨୫ ବର୍ଷ କାଳ ଶାସନ କ୍ଷମତାର ମୁଖ୍ୟ ପଦବୀରେ ରହି ମୋଦିଜୀ ଯେଉଁ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରି ଯାଇଛନ୍ତି, ତାହା ଅଦ୍ୱିତୀୟ ବୋଲି ମନେ ହୋଇଥାଏ ।

ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସମୟରେ ଭାରତ ତା' ସ୍ୱାଧୀନତାର ହୀରକ ଜୟନ୍ତୀ ଉତ୍ସବ ଇଂରେଜମାନଙ୍କ ଅନୁକରଣରେ ପାଳନ କରି ନାହିଁ । ବରଂ 'ଆଜାଦୀ କୀ ଅମୃତ ମହୋତ୍ସବ' ଭାରତରେ ପାଳିତ ହୋଇଛି । ମୋଦିଜୀଙ୍କ ଇଚ୍ଛାନୁଯାୟୀ ଗତ ୨୦୨୧ ମାର୍ଚ୍ଚ ୧୨ ତାରିଖ (ଶୁକ୍ରବାରରୁ) ୧୫ ଅଗଷ୍ଟ ୨୦୨୩ ( ମଙ୍ଗଳବାର) ଯାଏଁ ଯେପରି ସାରା ଦେଶରେ ଏହି ମହୋତ୍ସବ ପାଳନ କରାଗଲା, ତାହା ଭାରତୀୟମାନଙ୍କ ମଧ୍ୟରେ ଅଦ୍‌ଭୁତ ଉନ୍ମାଦନା ସୃଷ୍ଟି କରିଥିଲା ।

**ନିଜ ପରିବାରର ବନ୍ଧନକୁ ଛିନ୍ନ କରି ଭାରତବର୍ଷକୁ ନିଜ ପରିବାର ବୋଲି ଭାବି ଭାରତର ବିକାଶ ପାଇଁ ଅହରହ ଚିନ୍ତା କରୁଥିବା ମୋଦି ଯେ ସବୁ ଭାରତୀୟଙ୍କ ପାଇଁ ଏକ ଶ୍ରଦ୍ଧାର ନାମ, ଏଥିରେ ସନ୍ଦେହ ନାହିଁ । ସବୁ ବିବାଦକୁ ଫିଙ୍ଗି ଦେଇ ଅଯୋଧ୍ୟାରେ 'ରାମ ମନ୍ଦିର' ପ୍ରତିଷ୍ଠା କରି ଏକ ବଳିଷ୍ଠ କାର୍ଯ୍ୟକ୍ରମ ହାତକୁ ନେବା ସହିତ ନୂତନ ପାର୍ଲିଆମେଣ୍ଟ ଭବନର ନିର୍ମାଣ, ସର୍ଦ୍ଦାର ପଟେଲଙ୍କର ସବୁଠାରୁ ବିଶାଳ ପ୍ରତିମୂର୍ତ୍ତି 'ଷ୍ଟେଚ୍ୟୁ ଅଫ୍ ୟୁନିଟି' ଗୁଜରାଟରେ ସେ ନିର୍ମାଣ କରାଇଥିଲେ ଯାହା କି ଆମେରିକାରେ ଥିବା 'ଷ୍ଟେଚ୍ୟୁ ଅଫ୍ ଲିବରଟି' ଠାରୁ ମଧ୍ୟ ବଡ଼ ।**

ସମଗ୍ର ବିଶ୍ୱ ଯେତେବେଳେ କରୋନା ମହାମାରୀରେ ଆତଙ୍କିତ, ଭାରତ ମଧ୍ୟ କରୋନାର କରାଳ ମହାମାରୀରେ ଆକ୍ରାନ୍ତ ହୋଇଥିଲା । ଅଥଚ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନିଷ୍ଠା, ଆନ୍ତରିକତା ଓ ଆଶ୍ୱାସନା ଯୋଗୁଁ କେବଳ ଭାରତୀୟମାନେ ନୁହଁନ୍ତି, ବିଶ୍ୱବାସୀ ମଧ୍ୟ ସେତେବେଳେ ଆଶ୍ୱସ୍ତ ହୋଇ ପାରିଥିଲେ । ନିଜ ଦେଶବାସୀଙ୍କୁ ଅଦ୍‌ଭୁତ ଟିକା ଓ ଔଷଧ ଦେଇ ସାରିବା ପରେ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରଗୁଡ଼ିକୁ ମଧ୍ୟ ଟିକା ସହ ଓଷଧ ବିତରିତ କରିବା ପାଇଁ ମୋଦିଜୀ ନିର୍ଦ୍ଦେଶ ଦେଇଥିଲେ । ସେଥିପାଇଁ କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱରେ ଭାରତର ମର୍ଯ୍ୟାଦ ବୃଦ୍ଧି ପାଇ ପାରିଥିଲା ।

ଯୁଦ୍ଧର ଯେଉଁ ପରିସ୍ଥିତି ସମଗ୍ର ବିଶ୍ୱକୁ ଏବେ ଆଚ୍ଛନ୍ନ କରିଛି, ସେଥିରୁ ନିସ୍ତାର ପାଇବାକୁ ମୋଦିଜୀ ଯେଉଁ ପରାମର୍ଶ ଦେଇଛନ୍ତି ଶାନ୍ତି ଓ ସଂହତି ରକ୍ଷା ଲାଗି ତାହା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ ହୋଇଥାଏ । କେତେକ ପରସ୍ପରର ବିରୋଧୀ ରାଷ୍ଟ୍ର, କିନ୍ତୁ ଭାରତର ମିତ୍ର । ଗ୍ୟାସ ବା ତୈଳ (ଅଶୋଧିତ) ଆମଦାନୀ ପାଇଁ ଭାରତର କୌଣସି ଅସୁବିଧା ହୋଇନାହିଁ । ସେଥିପାଇଁ ବିକାଶପ୍ରାପ୍ତ ରାଷ୍ଟ୍ରମାନଙ୍କରେ ଥିବା ପ୍ରବାସୀ ଭାରତୀୟମାନେ ଏବେ ବି ମୋଦିଜୀଙ୍କୁ ସେମାନଙ୍କ ରାଷ୍ଟ୍ରରେ ଦେଖିବାକୁ ଓ ତାଙ୍କଠାରୁ କିଛି ଶୁଣିବାକୁ ବ୍ୟାକୁଳତା ପ୍ରକାଶ କରିଥା'ନ୍ତି ଏବଂ ମୋଦିଜୀଙ୍କ ଉପସ୍ଥିତିରେ 'ମୋଦି, ମୋଦି' ଧ୍ୱନିରେ ଗଗନ ପବନ ପ୍ରକମ୍ପିତ କରି ଥାଆନ୍ତି ସେମାନେ । ଏପରି ପୂର୍ବରୁ କେବେ ବି ହୋଇ ନଥିଲା । ନିଜ ପରିବାରର ବନ୍ଧନକୁ ଛିନ୍ନ କରି ଭାରତବର୍ଷକୁ ନିଜ ପରିବାର ବୋଲି ଭାବି ଭାରତର ବିକାଶ ପାଇଁ ଅହରହ ଚିନ୍ତା କରୁଥିବା ମୋଦି ଯେ ସବୁ ଭାରତୀୟଙ୍କ ପାଇଁ ଏକ ଶ୍ରଦ୍ଧାର ନାମ, ଏଥିରେ ସନ୍ଦେହ ନାହିଁ । ସବୁ ବିବାଦକୁ ଫିଙ୍ଗି ଦେଇ ଅଯୋଧ୍ୟାରେ 'ରାମ ମନ୍ଦିର' ପ୍ରତିଷ୍ଠା କରି ଏକ ବଳିଷ୍ଠ କାର୍ଯ୍ୟକ୍ରମ ହାତକୁ ନେବା ସହିତ ନୂତନ ପାର୍ଲିଆମେଣ୍ଟ ଭବନର ନିର୍ମାଣ, ସର୍ଦ୍ଦାର ପଟେଲଙ୍କର ସବୁଠାରୁ ବିଶାଳ ପ୍ରତିମୂର୍ତ୍ତି 'ଷ୍ଟେଚ୍ୟୁ ଅଫ୍ ୟୁନିଟି' ଗୁଜରାଟରେ ସେ ନିର୍ମାଣ କରାଇଥିଲେ ଯାହା କି ଆମେରିକାରେ ଥିବା 'ଷ୍ଟେଚ୍ୟୁ ଅଫ୍ ଲିବରଟି' ଠାରୁ ମଧ୍ୟ ବଡ଼ ।

ଆସନ୍ତା ୨୦୪୭ ଅଗଷ୍ଟ ୧୫ରେ ଭାରତ ଯେତେବେଳେ ତାହାର ଶତବାର୍ଷିକ ଉତ୍ସବ ପାଳନ କରିବ, ବିକାଶଶୀଳ ଭାରତ ସେତେବେଳେ ବିକଶିତ ଭାରତରେ ପରିଣତ ହୋଇ ସାରିଥିବ । ସେହି କାର୍ଯ୍ୟକୁ ସାର୍ଥକ କରିବା ଲାଗି ତଥା ସମଗ୍ର ବିଶ୍ୱରେ ଶାନ୍ତି ସ୍ଥାପନ ଲାଗି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ' ଆମମାନଙ୍କୁ ନୂତନ ପ୍ରେରଣା ଦେଉ । ମୋଦିଜୀଙ୍କ ଦୀର୍ଘ ଯାତ୍ରାପଥ କୁସୁମିତ ହେଉ, ଏହା ହିଁ କାମନା ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସୁସ୍ଥ ମାତୃତ୍ୱରୁ ସୁରକ୍ଷିତ ଭବିଷ୍ୟତ



**ଡ. ମୁକେଶ ମହାଲିଙ୍ଗ**
**କ୍ୟାବିନେଟ୍ ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା**

ଆମ ଭାରତୀୟ ସଂସ୍କୃତି ଓ ସଭ୍ୟତାର ଅନୁପ୍ରେରକ ହେଉଛନ୍ତି ମାତୃଶକ୍ତି। ପରିବାର ଭିତ୍ତିକ ଆମ ସଂସ୍କୃତିରେ ନାରୀ ହେଉଛି ପରିବାରର ମୂଳାଧାର। ସେ ମା' ରୂପରେ କେବଳ ଜନ୍ମଦାତ୍ରୀ ନୁହେଁ ବରଂ ସଂସ୍କାରର ଆଦ୍ୟ ଗୁରୁ ତ କେତେବେଳେ ପୁଣି ଭଉଣୀ ରୂପରେ ସ୍ନେହ ଏବଂ ଆନନ୍ଦର ସୂତ୍ରଧର, ଆଉ ପୁଣି କେତେବେଳେ ସହଧର୍ମିଣୀ ରୂପେ ସୁଖ-ଦୁଃଖ ତଥା ସଫଳତା-ବିଫଳତା ସାଥୀ ଏବଂ ବାନ୍ଧବୀ ଆକାରରେ ସହଯୋଗୀ ଅଟେ। ସେ ପରିବାରକୁ ସଙ୍ଗଠିତ ରଖିବା ସହ ସାଂସ୍କୃତିକ ଐତିହ୍ୟକୁ ପିଢ଼ି ପର ପିଢ଼ିକୁ ପରିବହନ କରେ। ତାହାରି କୋଳରେ ଝୁଲି ଝୁଲି ଗଢ଼ି ଉଠେ ସମୃଦ୍ଧ ସମାଜ। ବିକଶିତ ସମାଜ ପ୍ରତି ନାରୀର ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ଆମ ସରକାର ହୃଦବୋଧ କରିଛନ୍ତି । ମାତୃତ୍ୱର ସୁରକ୍ଷା ତଥା ଭାରତୀୟ ମହିଳାମାନଙ୍କ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ସାଧାରଣ କର୍କଟ ରୋଗ ଭାବେ ଚିହ୍ନଟ ହୋଇଥିବା ଜୀବନଘାତୀ ରୋଗମାନଙ୍କ ମଧ୍ୟରୁ ଅନ୍ୟତମ ଜରାୟୁ ଗ୍ରୀବା କର୍କଟକୁ ସମ୍ପୂର୍ଣ୍ଣ ରୂପେ ବିଲୁପ୍ତ କରିବା ପାଇଁ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗତ ଫେବୃଆରୀ ୨୮ ତାରିଖ ରାଜସ୍ଥାନର ଆଜମେର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜାତୀୟ ମାନବ ପାପିଲୋମା ଭାଇରସ୍ (ଏଚପିଭି) ଟୀକାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଦେଶବ୍ୟାପୀ ଏହି ଅଭିଯାନ ନିମନ୍ତେ ୧୭,୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଓଡ଼ିଶା ପରିପ୍ରେକ୍ଷୀରେ ମଧ୍ୟ ଭୁବନେଶ୍ୱର ସ୍ଥିତ କୃଷି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନରେ ରାଜ୍ୟର ମୋଟ ୩,୩୬,୬୭୧ ଜଣ କିଶୋରୀଙ୍କୁ ଟିକାକରଣ କରାଯିବାର ବ୍ୟାପକ ଲକ୍ଷ୍ୟ ରଖାଯାଇଛି। ସଂକ୍ଷିପ୍ତରେ ବୁଝିବାକୁ ଗଲେ ଜରାୟୁ ବା ଗର୍ଭାଶୟର ନିମ୍ନ ଭାଗକୁ ଗ୍ରୀବା (ସର୍ଭିକ୍ସ) କୁହାଯାଏ ଏବଂ ଏହି ଅଂଶରେ କର୍କଟ ରୋଗ ଉତ୍ପନ୍ନ ହୁଏ। ମାନବ ପାପିଲୋମା ଭାଇରସ୍ ଶରୀରରେ ଦୀର୍ଘ ସମୟ ଧରି ରହିବା ଫଳରେ ଧୀରେ ଧୀରେ କର୍କଟ ରୂପ ଧାରଣ କରେ କିନ୍ତୁ ଏହା ଆରମ୍ଭରେ କୌଣସି ଲକ୍ଷଣ ଦେଖାଯାଏ ନାହିଁ। ଯାହାଦ୍ୱାରା ଅନେକ ମହିଳା ଏହାକୁ ପ୍ରଥମେ ଜାଣି ପାରନ୍ତି ନାହିଁ ଓ ଶେଷ ଅବସ୍ଥାରେ ରୋଗ ଚିହ୍ନଟ କରାନ୍ତି। ବିଶେଷକରି ଗ୍ରାମୀଣ ଅଞ୍ଚଳରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତାର ଅଭାବ ରୋଗକୁ ଅଧିକ ଭୟାବହ କରିଦେଇଛି। ବୈଜ୍ଞାନିକ ଅନୁସନ୍ଧାନ ଅନୁଯାୟୀ ପ୍ରାୟ ୯୯.୭% ଜରାୟୁ ଗ୍ରୀବା କର୍କଟ ରୋଗର ମୂଳ କାରଣ ହେଉଛି ମାନବ ପାପିଲୋମା ଭାଇରସ୍ ସଂକ୍ରମଣ। କିନ୍ତୁ ଏହି ମାରାତ୍ମକ ରୋଗର ସଂକ୍ରମଣକୁ ନିବାରଣ କରିବା ପାଇଁ ଆମ ସରକାର ଅଣ୍ଟା ଭିଡ଼ିଛନ୍ତି। ଯେଉଁ ଟୀକାର ମୂଲ୍ୟ ବାହାରେ ପ୍ରାୟ ଚାରି ହଜାର ଟଙ୍କା ପଡ଼ିଥାଏ ତାହାର ନିଃଶୁଳ୍କ ବ୍ୟବସ୍ଥା କରାଯାଇଛି। ଏହି ଟୀକା ଶରୀରକୁ ମାନବ ପାପିଲୋମା ଭାଇରସ୍ ବିରୋଧରେ ସୁରକ୍ଷା ଦିଏ ଓ ଭବିଷ୍ୟତରେ କର୍କଟ ରୋଗ ହେବାର ସମ୍ଭାବନାକୁ ଏଡ଼ାଇଥାଏ। ଏହା ଏକ ପ୍ରତିରୋଧମୂଳକ ଟୀକା ହୋଇଥିବାରୁ ରୋଗ ହେବା ପୂର୍ବରୁ ହିଁ ସୁରକ୍ଷା ପ୍ରଦାନ କରେ। ଏହି ଟୀକା ୦.୫ ମିଲିଲିଟର ପରିମାଣରେ ବାମ ହାତର ଉପର ଭାଗର ମାଂସପେଶୀରେ ଦିଆଯାଇଥାଏ। ପୂର୍ବରୁ ଏହା ଦୁଇ କିମ୍ବା ତିନି ଥର ନେବାକୁ ପଡୁଥିଲା ହେଲେ ବର୍ତ୍ତମାନ ଏହି ଟୀକା ଉନ୍ନତମାନର ହୋଇଥିବା ଫଳରେ ମାତ୍ର ଗୋଟିଏ ଥର ହିଁ ପ୍ରର୍ଯ୍ୟାପ୍ତ, ଯାହାକି ଏହାକୁ ଅଧିକ ସହଜ ଓ ସୁବିଧାଜନକ କରିଛି। ଯେଉଁ କିଶୋରୀ ମାନଙ୍କ ବୟସ ୧୪ ବର୍ଷରୁ ଉର୍ଦ୍ଧ୍ୱ କିନ୍ତୁ ୧୫ ବର୍ଷ ପୂରଣ କରିନାହାନ୍ତି ସେମାନଙ୍କୁ ଏହି ଟୀକା ଦିଆଯିବ। ଏହି ବୟସରେ ଟୀକା ଦେବାର ମୂଳ ଉଦ୍ଦେଶ୍ୟ ହେଉଛି ଭାଇରସ୍ ସଂକ୍ରମଣ ହେବା ପୂର୍ବରୁ ଶରୀରକୁ ସୁରକ୍ଷିତ କରିବା। ତିନି ମାସିଆ ଲକ୍ଷ୍ୟ ଥିବା ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶାରେ ୨୪,୩୨୯ ଜଣ କିଶୋରୀଙ୍କୁ ଟିକାକରଣ କରାଯାଇଛି। ଟୀକାକରଣ ଆରମ୍ଭର ପ୍ରଥମ ମାସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟୀକା ଦିଆଯିବ। ପରବର୍ତ୍ତୀ ଦୁଇ ମାସରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହାକୁ ବିସ୍ତାର କରାଯିବ। ଯାହାଦ୍ୱାରା ଦୂର ଅଞ୍ଚଳର ଲୋକମାନେ ସୁବିଧା ପାଇପାରିବେ। ପରେ ଏହାକୁ ନିୟମିତ ଟୀକାକରଣ କାର୍ଯ୍ୟକ୍ରମରେ ସାମିଲ କରାଯିବ। ପ୍ରତିଦିନ (ଛୁଟି ଦିନ ବ୍ୟତୀତ) ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ଟୀକାକରଣ କାର୍ଯ୍ୟକ୍ରମ ଚାଲିବ। ଟୀକା ନେବା ପୂର୍ବରୁ ପେଟ ପୁରା ଖାଦ୍ୟ ଖାଇବା ଆବଶ୍ୟକ। ଟୀକାକରଣ କେନ୍ଦ୍ରକୁ ବାପା-ମାଆଏ କିମ୍ବା ଅଭିଭାବକଙ୍କ ସହିତ ଯିବା ଉଚିତ। ସଠିକ ଯୋଗ୍ୟତା ନିଶ୍ଚିତ କରିବା ପାଇଁ ଟୀକା ନେବା ସମୟରେ ବୟସ ପ୍ରମାଣପତ୍ର ଯଥା ଆଧାର କାର୍ଡ, ବିଦ୍ୟାଳୟ ପରିଚୟ ପତ୍ର କିମ୍ବା ଜନ୍ମ ପ୍ରମାଣପତ୍ର ଆଣିବା ଆବଶ୍ୟକ। ଯଦି ଉଚିତ ପରିଚୟ ପତ୍ର ନାହିଁ ତାହେଲେ ଟୀକାକରଣ କେନ୍ଦ୍ରରେ ଥିବା ବୟସ ଘୋଷଣା ପତ୍ରରେ ଅଭିଭାବକଙ୍କ ସ୍ୱାକ୍ଷର କରିବାକୁ ହବ। ପଞ୍ଜିକରଣ ପାଇଁ ଏକ ବୈଧ ମୋବାଇଲ୍ ନମ୍ବର ଜରୁରୀ ହେବ ଏବଂ ଓଟିପି ମାଧ୍ୟମରେ ସମ୍ମତି ନିଆଯିବ। ଯଦି ଉକ୍ତ ସ୍ଥାନରେ ନେଟୱର୍କ ନଥାଏ, ତେବେ ଅଭିଭାବକଙ୍କୁ ଲିଖିତ ସ୍ୱୀକୃତି ଦେବାକୁ ପଡ଼ିବ। ଅଭିଯାନକୁ ଅଧିକ ସହଜ ଓ ସ୍ୱଚ୍ଛ କରିବା ପାଇଁ ହିତାଧିକାରୀ ନିଜେ ମଧ୍ୟ ସାର୍ବଜନୀନ ଟୀକାକରଣ ପ୍ଲାଟଫର୍ମ (ୟୁ-ୱିନ୍ ପୋର୍ଟାଲ୍) ମାଧ୍ୟମରେ ପଞ୍ଜିକରଣ କରିବାର ସୁବିଧା ରହିଛି। ଟୀକା ନେବା ପରେ ୩୦ ମିନିଟ୍ ପର୍ଯ୍ୟନ୍ତ କେନ୍ଦ୍ର ପର୍ଯ୍ୟବେକ୍ଷଣରେ ରଖାଯିବ। ଏହା ପରେ ହାଲକା ଯନ୍ତ୍ରଣା କିମ୍ବା ସାମାନ୍ୟ ଜ୍ୱର ହେବା ସ୍ୱାଭାବିକ, କିନ୍ତୁ ଏହା ଦୁଇ ତିନି ଦିନରେ ଭଲ ହୋଇଯାଏ। ଏହା ବ୍ୟତୀତ ଏହି ଟୀକାର କୌଣସି ଗୁରୁତର ପ୍ରତିକ୍ରିୟା ନାହିଁ। ଋତୁସ୍ରାବ ସମୟରେ ମଧ୍ୟ ଏହି ଟୀକା ନେବା ସମ୍ପୂର୍ଣ୍ଣ ସୁରକ୍ଷିତ। ତଥାପି ଯଦି ପୂର୍ବରୁ କୌଣସି ଟୀକା ନେବା ପରେ ଆଲର୍ଜି, ଗର୍ଭଧାରଣ କିମ୍ବା ଗୁରୁତର ଅସୁସ୍ଥ (ତୀବ୍ର ରକ୍ତହୀନତା, ନିମୋନିଆ, ଜ୍ୱର ଇତ୍ୟାଦି) ହୋଇଥାନ୍ତି ସେମାନେ ଏହି ଟୀକା ନେବା ଉଚିତ ନୁହେଁ । ଯଦି ଏହି ଅଭିଯାନ ପୂର୍ବରୁ କେହି ମାନବ ପାପିଲୋମା ଭାଇରସ୍ ଟୀକା ନେଇଥାନ୍ତି, ତେବେ ତାଙ୍କୁ ପୁଣି ଟୀକା ନେବାର ଆବଶ୍ୟକତା ନାହିଁ। ଶୀତଳ ଶୃଙ୍ଖଳ (କୋଲ୍ଡ ଚେନ୍) ମାଧ୍ୟମରେ ଟୀକାଗୁଡିକର ପରିବହନ ଓ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି । ନାରୀ ସୁସ୍ଥ ହେଲେ ଯାଇ ସଶକ୍ତ ପରିବାରର ପରିକଳ୍ପନା କରାଯାଇପାରିବ। ଏହାକୁ ଅନୁଭବ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ରମୋଦୀଙ୍କ ୭୫ତମ ଜନ୍ମଦିନ ଅବସରରେ ୧୭ ସେପ୍ଟେମ୍ବର ୨୦୨୫ରେ ଆମ ସରକାରଙ୍କ ଦ୍ୱାରା ସୁସ୍ଥ ନାରୀ, ଶସକ୍ତ ପରିବାର ଅଭିଯାନ ଆରମ୍ଭ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟକର୍ମୀ ମାନେ ଘରକୁ ଘର ଯାଇ ମହିଳାମାନଙ୍କୁ ସ୍କ୍ରିନିଙ୍ଗ କରିବା ସହ ବ୍ୟାପକ ଜନସଚେତନତା କରାଯାଇଛି। ଏଥିରେ ଏକ କୋଟିରୁ ଅଧିକ (୧୦୭.୭୮ ଲକ୍ଷ) ମହିଳା ଅଂଶଗ୍ରହଣ କରିଥିଲେ। ୧.୦୨ ଲକ୍ଷ ସ୍ୱାସ୍ଥ୍ୟଶିବିର ଆୟୋଜିତ କରାଯାଇଥିବା ବେଳେ ୨୫.୩୮ ଲକ୍ଷ ମହିଳାଙ୍କୁ ହାଇପରଟେନସନ୍ ଏବଂ ଡାୟବେଟିସ୍, ୯.୬୪ ଲକ୍ଷ କର୍କଟ, ୧୨.୦୬ ଲକ୍ଷ ଆନିମିଆ, ୧.୭୩ ଲକ୍ଷ ସିକଲ୍ ସେଲ୍, ୭.୯୮ ଲକ୍ଷଙ୍କୁ ଯକ୍ଷ୍ମା ସ୍କ୍ରିନିଙ୍ଗ କରାଯାଇଥିଲା। ଏହି ଅଭିଯାନରେ ୨୯,୮୨୯ୟୁନିଟ୍ ରକ୍ତ ସଂଗ୍ରହ ସହ ୧୨,୪୫୧ ନିକ୍ଷୟ ମିତ୍ର ପଞ୍ଜୀକୃତ କରାଯାଇଥିଲା। ସେହିପରି ୩୧୧ କୋଟି ଟଙ୍କାର ବ୍ୟୟବରାଦରେ ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଏହା ମାଧ୍ୟମରେ ବ୍ୟାପକ ଗୋଷ୍ଠୀ ସଚେତନତା, ଗ୍ରାମାଞ୍ଚଳସ୍ତରରେ ସ୍କ୍ରିନିଙ୍ଗ, କର୍କଟ ପରୀକ୍ଷା ଶିବିର କରାଯିବା ସହ ଉନ୍ନତ ମାନର କର୍କଟ ଚିକିତ୍ସା ଯୋଗାଇ ଦିଆଯିବ। କର୍କଟ ଚିକିତ୍ସାଳୟ ମାଧ୍ୟମରେ ଏହାର ଆଗୁଆ ନିରୂପଣ, ସମୟୋଚିତ ଚିକିତ୍ସା, ବ୍ୟକ୍ତିଗତ ଯତ୍ନ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ଏହି କ୍ଷେତ୍ରରେ ଗବେଷଣା ଏବଂ ନବ ସୃଜନର ଆବଶ୍ୟକତାକୁ ଅନୁଭବ କରି ଡିଜିଟାଲ ହବ୍ ଆଣ୍ଡ ସ୍ପୋକ୍ ମଡେଲ କାର୍ଯ୍ୟକାରୀ କରାଯିବ। ଚଳିତକେନ୍ଦ୍ର ବଜେଟରେ ୧୭ଟି କର୍କଟ ଔଷଧରେ ଆମଦାନି ଶୁଳ୍କ ଛାଡ଼ କରିବା ସହ ପୂର୍ବରୁ ୧୨% ଓ ୫% ଜିଏସଟି ଥିବା କର୍କଟ ଔଷଧକୁ ଜିଏସଟି ଶୂନ୍ୟ ଓ ଅନ୍ୟ କେତେକ କର୍କଟ ଔଷଧକୁ ୧୨%ରୁ ହ୍ରାସକରି ୫% କରାଯିବା କର୍କଟ ରୋଗର ନିରାକରଣ ପ୍ରତି ଆମ ଦୃଢତାର ପରିଚୟ ଦିଏ। ନାରୀ ଶିକ୍ଷିତ ହେଲେ ପରିବାର ଶିକ୍ଷିତ ହୁଏ, ନାରୀ ସୁରକ୍ଷିତ ରହିଲେ ସମାଜ ସୁରକ୍ଷିତ ରୁହେ ଓ ନାରୀ ସମୃଦ୍ଧ ହେଲେ ଭାରତ ସମୃଦ୍ଧ ତଥା ବିକଶିତ ହୋଇପାରିବ। ଏହାକୁ ହୃଦୟଙ୍ଗମ କରି ସୁସ୍ଥ ମାତୃତ୍ୱରୁ ସୁରକ୍ଷିତ ଭବିଷ୍ୟତର ଦୂରଦୃଷ୍ଟିକୁ ଅନୁଭବ କରିବା ସହ ଆମ ସରକାର ମାନବ ପାପିଲୋମା ଭାଇରସ୍ ସଂକ୍ରମଣ ନିବାରଣ ନିମନ୍ତେ ଟିକାକରଣ ଅଭିଯାନ ଆରମ୍ଭ କରିଛନ୍ତି। ଏହା କେବଳ ଏକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ନୁହେଁ ବରଂ ନାରୀ ଓ ମାତୃତ୍ୱର ସୁରକ୍ଷା ପାଇଁ ଆମ ସଂକଳ୍ପ, ତେଣୁ କିଶୋରୀ ମାନେ ସାମିଲ ହେବା ସହ ବାପା-ମାଆଏ ଓ ଅଭିଭାବକ ମାନେ ଏଥିରେ ସହଯୋଗ କରିବା ପାଇଁ ମୋର ନିବେଦନ ।

# କୃଷିର ଭବିଷ୍ୟତ - ଭବିଷ୍ୟତର କୃଷି



**ଅଭୟ ଦ୍ୱିବେଦୀ**

ପ୍ରଖ୍ୟାତ ଚିନ୍ତାନାୟକ ଆଲଭିନ୍ ଟେଫଲର୍ ଫ୍ୟୁଚର ସକ୍ ପୁସ୍ତକରେ ଗୋଟିଏ ଚମତ୍କାର କଥା କହିଛନ୍ତି - ସଂସାରରେ ଆଜି ମଧ୍ୟ କିଛି ବ୍ୟକ୍ତି ବାସ କରୁଛନ୍ତି ଯେଉଁମାନଙ୍କର ଜୀବନଶୈଳୀ, ୨୦୦୦ ବର୍ଷ ପୂର୍ବେ ବାସ କରୁଥିବା ମଣିଷର ଜୀବନଶୈଳୀ ସହିତ ପ୍ରାୟ ସମାନ । ଆହୁରି ମଧ୍ୟ ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଆଗାମୀ ଦୁଇ ଶହ ବର୍ଷର ଜୀବନଢ଼ାଞ୍ଚାରେ ବର୍ତ୍ତମାନ ଆମ ସହିତ ବାସ କରୁଛନ୍ତି । ଅବଶ୍ୟ ଏହି ଦୁଇ ଗୋଷ୍ଠୀର ସଂଖ୍ୟା ନଗଣ୍ୟ । ଅଧିକରୁ ଅଧିକ ବ୍ୟକ୍ତି ଏହାର ମଧ୍ୟବର୍ତ୍ତୀ ସମୟ ସୀମାରେ ବାସ କରନ୍ତି । ଗୋଟିଏ ଦୃଷ୍ଟାନ୍ତ ଦେଲେ ଏହା ସ୍ପଷ୍ଟ ହୋଇଯିବ । ଆମ ଦେଶର କୌଣସି ଗ୍ରାମରେ ଏବେ ମଧ୍ୟ କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ଟ୍ରେନ୍‌ରେ ଚଢ଼ି ନ ଥିବେ । ୧୮୫୩ ମସିହାରେ ଆମ ଦେଶରେ ରେଳ ସେବା ଆରମ୍ଭ ହେଲା, ତେବେ ଏମାନେ ପ୍ରାୟ ୧୭୩ ବର୍ଷ ପୁରୁଣା ସମୟରେ ଯେପରି ବାସ କରୁଛନ୍ତି ।

ଏହି ପରୀପ୍ରେକ୍ଷୀରେ ସ୍ପେନ୍‌ର ଗୋଟିଏ ରେସ୍ତୋରାଁ ସ୍ମରଣକୁ ଆସେ । ୨୦୧୪ ମସିହାରେ ଆରମ୍ଭ ହୋଇଥିବା ବିଶ୍ୱର ସବୁଠାରୁ ଦାମୀ ଏହି ଭୋଜନାଳୟର ନାମ 'ସବ୍ଲିମୋସନ୍' । ଏଠାରେ ଗୋଟିଏ ମିଲ୍‌ର ମୂଲ୍ୟ ପ୍ରାୟ ୨୦୦୦ ୟୁରୋ, ଭାରତୀୟ ମୁଦ୍ରାରେ ପ୍ରାୟ ଦୁଇ ଲକ୍ଷ ଟଙ୍କା । ଏହାର ବିଜ୍ଞାପନ ହେଉଛି - ୨୦୫୦ ମସିହାରେ ଆପଣ ଯେମିତି ଭୋଜନ କରିବାକୁ ପସନ୍ଦ କରିଥାନ୍ତେ, ବର୍ତ୍ତମାନ ଆମେ ଆପଣଙ୍କୁ ସେହି ଶୈଳୀରେ ଖାଦ୍ୟ ପରିବେଷଣ କରୁଛୁଁ । ରେସ୍ତୋରାଁରେ ମାତ୍ର ଗୋଟିଏ ଟେବୁଲ । ସେଥିରେ ବାର ଜଣଙ୍କ ପାଇଁ ରାତ୍ରି ଭୋଜନର ବ୍ୟବସ୍ଥା ଥାଏ । ଟେବୁଲରେ ବସିବା ପରେ ଗୋଟିଏ ଚଷମା ପିନ୍ଧିବାକୁ ପଡେ । ତାପରେ ସବୁ କିଛି ବଦଳିଯାଏ । ଜଣାପଡେ ପ୍ଲେଟ ଚାମଚ ଶୂନ୍ୟରେ ବୁଲୁଛି । (ଥ୍ରୀ ଡି ସିନେମା ଦେଖିବାବେଳର ଅଭିଜ୍ଞତା ସ୍ମରଣ କରନ୍ତୁ ।) ଖାଉଥିବାବେଳେ ସେହି ରୁମ୍‌ରେ ଭିନ୍ନ ଭିନ୍ନ ପରିବେଶ ସୃଷ୍ଟି କରାଯାଏ- ସତେ ଯେମିତି ଆପଣ ସମୁଦ୍ର ଭିତରେ, ପର୍ବତର ପାଦ ଦେଶରେ କିମ୍ବା ଜଙ୍ଗଲ ଭିତରେ ବସି ଭୋଜନ କରୁଛନ୍ତି । ଟେକ୍ନୋଲୋଜି ସହାୟତାରେ ଖାଦ୍ୟର ସ୍ୱାଦ ଠାରୁ ଭୋଜନର ଅଭିଜ୍ଞତା ସ୍ମରଣୀୟ ହୋଇଯାଏ । ଏହି ପ୍ରଯୁକ୍ତିଭିତ୍ତିକ ଜ୍ଞାନକୌଶଳ ଆମ ସମୃଦ୍ଧ ଜୀବନଶୈଳୀର ପରିଚାୟକ । କିନ୍ତୁ ଏପ୍ରକାର ପ୍ରଯୁକ୍ତି ବିଦ୍ୟା ଜୀବନର ମାନ ସମୃଦ୍ଧ ନିମନ୍ତେ ଉଦ୍ଦିଷ୍ଟ ନୁହେଁ । ବର୍ତ୍ତମାନ ଯୁବ ପିଢ଼ିର ଅନେକ ଉତ୍ସାହୀ ବ୍ୟକ୍ତି ପ୍ରଯୁକ୍ତି ବିଦ୍ୟା ସହାୟତାରେ ସାମାଜିକ ଓ ଅର୍ଥନୈତିକ ସିଡିର ତଳ ପାହଚରେ ରହିଥିବା କୃଷକମାନଙ୍କ ଉତ୍‌ଥାନ ସକାଶେ ପ୍ରୟାସ କରୁଛନ୍ତି । କୃଷି ହେଉଛି ଆମ ଦେଶ ଜିଡିପିର ମାତ୍ର ୧୫ ପ୍ରତିଶତ କିନ୍ତୁ ନିଯୁକ୍ତି କ୍ଷେତ୍ରରେ ହାର ୫୦ ପ୍ରତିଶତ । ତେଣୁ ସେମାନଙ୍କ ସାମଗ୍ରିକ ସମୃଦ୍ଧି ସକାଶେ ବହୁ Startsup କଂପାନୀ ଆଗେଇ ଆସିଛନ୍ତି ।

ଦୃଷ୍ଟାନ୍ତ ସ୍ୱରୂପ - ଗୋଟିଏ ଗ୍ରାମର ସବୁ ଚାଷୀଙ୍କର ସମସ୍ତ ଜମିକୁ ଗୋଟିଏ ସ୍ୱତନ୍ତ୍ର ମୋବାଇଲ ଆପ୍‌ରେ ରେକର୍ଡ କରାଯିବ । କେଉଁ ଜମି କାହାର, ସେଥିରେ ବ୍ୟକ୍ତିଙ୍କ ନାମ ଉଲ୍ଲେଖ ରହିବ । ଜମିର ପରିସୀମା ଯେତେ ଛୋଟ ହେଲେ ମଧ୍ୟ କିଛି ଫରକ ନାହିଁ । ଜଣେ କୃଷକର ବିଭିନ୍ନ ସ୍ଥାନରେ ଜମି ଥିଲେ ସବୁଗୁଡିକ ତାଙ୍କରି ନାମରେ ତାଲିକାଭୁକ୍ତ ହେବ । କେଉଁ ଫସଲ ପାଇଁ କେଉଁ ଜମି ଉପଯୋଗୀ ତାହା ମାଟି ପରୀକ୍ଷାରୁ ଜଣା ପଡିଯାଏ । ସେହି ଆପ୍‌ରେ ତାହା ମଧ୍ୟ ଉଲ୍ଲେଖ ରହିବ । ସେ ଆପ୍ ଏମିତି ଭାବେ ପ୍ରସ୍ତୁତ ଯେ , ହଳ କରିବା ସମୟରୁ ଫସଲ ଆମଦାନୀ ପର୍ଯ୍ୟନ୍ତ ଟିକିନିଖି ତଥ୍ୟ ଯଥା - କେଉଁ ଫସଲରେ ପୋକ ଲାଗିଲା, କେଉଁ ଜମିରେ ପାଣି ଦରକାର ଇତ୍ୟାଦି ସମସ୍ତ ସୂଚନା ସେଥିରୁ ମିଳି ପାରିବ । ଅମଳ ସମୟ ହୋଇଗଲେ ଜମିରୁ କେତେ ଆମଦାନୀ ହେବ ଏବଂ ସବୁଠାରୁ ବଡକଥା, ଫସଲର ମାନ ଇତ୍ୟାଦି ସେଥିରୁ ଜାଣି ହେବ । ଫସଲର ଠିକ ମାନ ନିରୂପଣ ହୋଇଗଲେ, ବଡ ବେପାରୀମାନେ କିଣିବା ପାଇଁ ଆଗ୍ରହୀ ହେବେ । ଏହା ଛଡା ବିଭିନ୍ନ ବଜାରରେ ଫସଲର ଭାଉ କଣ ରହିଛି, ତାହା ମଧ୍ୟ ଆପ୍ ଜଣାଇଦେବ । ଫଳରେ କେଉଁ ବଜାରରେ ଫସଲ ବିକିବ, ସେ ନିଷ୍ପତ୍ତି କୃଷକ ନେଇପାରିବ । ସାଧାରଣ ଗ୍ରାହକଙ୍କ ନିମନ୍ତେ ଏଥିରେ ମଧ୍ୟ ସୁବିଧା ରହିବ । ଧରି ନିଆଯାଉ -ବାଇଗଣ ପରିବା ଚାଷ କରାଯାଇଛି । ଗୋଟିଏ ବାଇଗଣ ସ୍କାନ୍ କରିଦେଲେ- ସେଥିରେ କେତେ କୀଟନାଶକ ଦିଆଯାଇଛି, କେଉଁ ତାରିଖରେ ଅମଳ ହୋଇଛି ଇତ୍ୟାଦି ସମସ୍ତ ତଥ୍ୟ ଜାଣି ହେବ । ଯଦି ଜଣେ କୃଷକଙ୍କୁ ଏହି ସମସ୍ତ ତଥ୍ୟ ତାଙ୍କରି ମୋବାଇଲରେ ଏବଂ ତାଙ୍କରି ଭାଷାରେ ମିଳିଯାଏ ସେ କେତେ ଉପକୃତ ହେବେ, ତାହା ଆମେ ଆକଳନ କରିପାରିବା ନାହିଁ ।

ଉପରୋକ୍ତ ଦୃଷ୍ଟାନ୍ତ ମନଗଢ଼ା କାହାଣୀ ନୁହେଁ । କୃଷକମାନଙ୍କୁ ଏହି ସୁବିଧା ଯୋଗାଇ ଦେବା ପାଇଁ ଅନେକ Startsup କଂପାନୀ ଆମ ଦେଶରେ ଆଗେଇ ଆସିଛନ୍ତି । ଏହି ଦିଗରେ ପ୍ରମୁଖ ହେଉଛନ୍ତି- CropIin Technology Solution । ଏହି କଂପାନୀ ବର୍ତ୍ତମାନ ୧୮ଟି ରାଜ୍ୟରେ ୭୦ ଲକ୍ଷ କୃଷକଙ୍କର ଜମି ମୋବାଇଲ ଆପ୍‌ରେ ତାଲିକାଭୁକ୍ତ କରିଛନ୍ତି । ଏଥିରେ ୫୦ଟି ଫସଲ ଅନ୍ତର୍ଭୁକ୍ତ । ବ୍ୟାବସାୟିକ ଭିତ୍ତିରେ କାମ ଆରମ୍ଭ କଲାବେଳେ ଏହି କଂପାନୀ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲା । କୃଷକମାନଙ୍କ ଠାରୁ ଆପ୍ ନିମନ୍ତେ ଅର୍ଥ ଆଦାୟ କରିବା ସମ୍ଭବ ହେଲା ନାହିଁ ଏବଂ ଋଣ ଦେବା ପାଇଁ ବ୍ୟାଙ୍କ ନିମନ୍ତେ ଏ ଯୋଜନା ଥିଲା ଉଦ୍‌ଭଟ । ତେଣୁ ଭାରତୀ-ଓ୍ୱାଲମାର୍ଟ୍, ଓମ୍‌ନିକାନ୍, ପେପସିକୋ ଆଦି କିଛି ବଡ କଂପାନୀ ଫସଲ କିଣିବା ନିମନ୍ତେ ଆଗ୍ରହ ଦେଖାଇଲେ ଏବଂ ସେମାନଙ୍କ ଆର୍ଥିକ ସହାୟତାରେ କାର୍ଯ୍ୟ ଆରମ୍ଭ ହେଲା । କୃଷକମାନେ ବିଶେଷଜ୍ଞଙ୍କ ଠାରୁ ଫସଲ ସଂପର୍କୀୟ ଯାବତୀୟ ତଥ୍ୟ ଏବଂ ପରାମର୍ଶ ମାଗଣାରେ ପାଇପାରିଲେ । ୨୦୧୦ ମସିହାରେ ମାତ୍ର ୨୭ ବର୍ଷ ବୟସରେ କୃଷ୍ଣ କୁମାର ବେଶ୍ ମୋଟା ଅଙ୍କର ଚାକିରି ଛାଡି CropIin Technology ପ୍ରତିଷ୍ଠା କରିଥିଲେ । ତାଙ୍କ ସହିତ ପ୍ରସାଦ ଏବଂ ଚିତ୍ତରଞ୍ଜନ ଜେନା ଯୋଡି ହୋଇଗଲେ । ଏହି କଂପାନୀର ସହାୟତାରେ କୃଷକମାନଙ୍କର ଆମଦାନୀ ୨୦ ପ୍ରତିଶତ ବୃଦ୍ଧି ପାଇଛି ଏବଂ ଖର୍ଚ୍ଚ ପରିମାଣ ୨୦ ପ୍ରତିଶତ ହ୍ରାସ ପାଇଛି । BIG DATA ସହାୟତାରେ ଏହି କାର୍ଯ୍ୟକ୍ରମ ଆହୁରି ବ୍ୟାପକ ହେବା ଫଳରେ କୃଷକମାନେ ଆହୁରି ଅଧିକ ଲାଭବାନ ହୋଇ ପାରୁଛନ୍ତି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପରିଚାଳିତ ଏହି କଂପାନୀ କୃଷି ନିମନ୍ତେ ବିଶ୍ୱର ପ୍ରଥମ ଶିଳ୍ପ କ୍ଲାଉଡ୍ ବିକଶିତ କରିଛି, ଯାହାର ଉଦ୍ଦେଶ୍ୟ ଫସଲ ସୁରକ୍ଷା, ଅମଳ ପୂର୍ବାନୁମାନ ଏବଂ ଜଳବାୟୁ-ସ୍ମାର୍ଟ ଚାଷ ପ୍ରଣାଳୀରେ ଉନ୍ନତି ଆଣିବା । ୨୦୦୭ ମସିହାରେ ପ୍ରତିଷ୍ଠିତ ରଏଟରସ୍ ଇନ୍‌ଫରମେସନ୍ ନାମକ ଆଉ ଏକ ସଂସ୍ଥା ମୋବାଇଲ ମାଧ୍ୟମରେ ୨୫ଟି ରାଜ୍ୟର ପ୍ରାୟ ୨୫ ଲକ୍ଷ କୃଷକଙ୍କୁ ଆଞ୍ଚଳିକ ଭାଷାରେ ୪୫୦ଟି ଫସଲ ସଂପର୍କରେ ତଥ୍ୟ ପ୍ରଦାନ କରୁଛି । ଏଥିରେ ୭୦,୦୦୦ ଗ୍ରାମ ଅନ୍ତର୍ଭୁକ୍ତ । ସେହିଭଳି ଆଉ ଏକ ଷ୍ଟାର୍ଟଅପ୍ ହେଉଛି ଫସଲ ଟେକ୍ । ଆମ ଦେଶରେ ଜଳସେଚନ ବ୍ୟବସ୍ଥା ବ୍ୟାପକ ନ ଥିବାରୁ କୃଷକମାନେ ହନ୍ତସନ୍ତ ହୁଅନ୍ତି । ତେଣୁ ତାହାର ସମାଧାନ ନିମନ୍ତେ ଏହି କଂପାନୀ ଏଆଇ ପରିଚାଳିତ ସ୍ମାର୍ଟ ଜଳସେଚନ ସହାୟତାରେ କୃଷକମାନଙ୍କୁ ସମ୍ବଳର ସର୍ବୋତ୍ତମ ଉପଯୋଗ ସହିତ ଉତ୍ପାଦନରେ ଉନ୍ନତି ଆଣିବା ପାଇଁ ସହାୟତା କରୁଛି ।

**ଭବିଷ୍ୟତର କୃଷକ ସାଟେଲାଇଟ୍ ମାଧ୍ୟମରେ ଘରେ ବସି ରିମୋର୍ଟ୍ ସାହଯ୍ୟରେ ଟ୍ରାକ୍ଟର ଚଳାଇବ, ଉଡନ୍ତା ଡ୍ରୋନ୍ ସାହାଯ୍ୟରେ ବିହନ ବୁଣିବା ସହ ଜୈବ ସାର ସିଞ୍ଚନ କରିବ ଏବଂ ସାଟେଲାଇଟ୍ ମାଧ୍ୟମରେ ପ୍ରତିଟି କୃଷି ଯନ୍ତ୍ରପାତି ସହିତ ମୋବାଇଲ କିମ୍ବା ଟାବଲେଟ୍ ସାହାଯ୍ୟରେ ବାର୍ତ୍ତାଳାପ କରିପାରିବ । ଆମ ଦେଶରେ ଏ ସମୟ ଆସିବା ପାଇଁ ଆଉ ବେଶୀ ଡେରି ନାହିଁ । କୃଷି ନିମନ୍ତେ ସରକାର କେବଳ ସୁଦୃଢ଼ ଭିତ୍ତିଭୂମି ଯଥା-ବିଜୁଳି, ଜଳସେଚନ, ସବୁଦିନିଆ ସଡକ ଯୋଗାଇ ଦେଲେ ଅତ୍ୟାଧୁନିକ ଜ୍ଞାନକୌଶଳ ସାହାଯ୍ୟରେ ଆମ ଦେଶର ଯୁବ ଶକ୍ତି ଏ ମାଟିରେ ସୁନା ଫଳେଇ ପାରିବେ । କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍‌ମାନଙ୍କୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପ୍ରୋତ୍ସାହନର ଆବଶ୍ୟକତା ରହିଛି ।**

ଆମ ଦେଶରେ କୃଷି ଓ କୃଷକଙ୍କୁ ନେଇ ରାଜନୀତିର ଖେଳ ଚାଲେ । କେତେବେଳେ ସଂସଦ ଅଚଳ ତ କେତେବେଳେ ରାଜରାସ୍ତା ଜାମ ହୋଇଯାଏ । କୃଷକଙ୍କ ନାମରେ ରାଜନୈତିକ ଦଳମାନେ ଯେବେ ଆନ୍ଦୋଳନ କରିଛନ୍ତି, ସେଥିରେ କୃଷକଙ୍କର ସାମାନ୍ୟତମ ହିତ ସାଧନ ହୋଇନାହିଁ । ସେହି ରାଜନୈତିକ ଦଳ ହିଁ ଏଥିରୁ ଫାଇଦା ପାଇଛନ୍ତି । ଆମ ଦେଶର ଯୁବ ଗୋଷ୍ଠୀ ନୂତନ ଜ୍ଞାନକୌଶଳ ମାଧ୍ୟମରେ କୃଷକମାନଙ୍କ ହିତ ନିମନ୍ତେ ଆଗେଇ ଆସିଛନ୍ତି । ମୋବାଇଲ୍ ଆପ୍ ମାଧ୍ୟମରେ କୃଷକମାନଙ୍କୁ ତାଲିମ ଦେବା ସହ ଫସଲ ସଂପର୍କୀୟ ସମସ୍ତ ତଥ୍ୟ ପ୍ରଦାନ ବର୍ତ୍ତମାନ ସମ୍ଭବ ହୋଇପାରିଛି । ଫସଲରେ ପୋକ ଲାଗିଲେ କିମ୍ବା ମରୁଡିର ଆଶଙ୍କା ଆସିଲେ, ଏ ତଥ୍ୟ ମୋବାଇଲରେ ମିଳିପାରୁଛି । ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଦେଶରେ ଦ୍ୱିତୀୟ ସବୁଜ ବିପ୍ଳବ ଆଣିବା ପାଇଁ ଏମ୍ ଏସ୍ ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ (MSSRF) ଆଗେଇ ଆସିଛି । ଡିଜିଟାଲ ଗ୍ରୀନ ସଂସ୍ଥା ସହଯୋଗରେ ଏହା ବର୍ତ୍ତମାନ ବିଭିନ୍ନ ରାଜ୍ୟରେ କ୍ଲିନ୍ ଟେକ୍ନୋଲୋଜି ମାଧ୍ୟମରେ ମହିଳାମାନଙ୍କୁ କୃଷିକ୍ଷେତ୍ରରେ ଆସିବା ପାଇଁ ପ୍ରେରଣା ଦେଉଛି । ଡିଜିଟାଲ ଗ୍ରୀନ ସଂସ୍ଥା ୨୦୦୮ ମସିହାରେ ବିଗ୍ ଟେକ୍ କଂପାନୀ ମାଇକ୍ରୋସଫ୍ଟ ଦ୍ୱାରା କୃଷକଙ୍କ ହିତରେ ପ୍ରତିଷ୍ଠା କରାଯାଇଥିଲା । ଏହା ବର୍ତ୍ତମାନ ଭାରତ ସମେତ କେନିଆ, ଇଥିଓପିଆ, ନାଇଜେରିଆ ଏବଂ ବ୍ରାଜିଲରେ କୃଷକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରୟାସ କରୁଛି । ପାଣିପାଗ ସଂପର୍କରେ ପୂର୍ବାନୁମାନ ସହିତ କୃଷି ପଦ୍ଧତିରେ ଉନ୍ନତି ଆଣିବା ଏବଂ ଆମଦାନୀ ବୃଦ୍ଧି କରିବା ଏହାର ଅସଲ ଉଦ୍ଦେଶ୍ୟ । ଏହି କଂପାନୀ ବିଶେଷତଃ ମହିଳାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ତାଲିମ ଦେଇଥାଏ ।

ପ୍ରଥମରୁ କୁହାଯାଇଥିବା ସ୍ପେନ୍‌ର ସବ୍ଲିମୋସନ୍ ରେସ୍ତୋରାଁ ଭଳି, ଆଗାମୀ ଦିନରେ କୃଷି କ୍ଷେତ୍ର କେମିତି ରହିବ, ତାହାର ନମୁନା ପ୍ରସ୍ତୁତ ହୋଇଗଲାଣି । ସେହି ଚିତ୍ର ଏହିଭଳି - ଭବିଷ୍ୟତର କୃଷକ ସାଟେଲାଇଟ୍ ମାଧ୍ୟମରେ ଘରେ ବସି ରିମୋର୍ଟ୍ ସାହଯ୍ୟରେ ଟ୍ରାକ୍ଟର ଚଳାଇବ, ଉଡନ୍ତା ଡ୍ରୋନ୍ ସାହାଯ୍ୟରେ ବିହନ ବୁଣିବା ସହ ଜୈବ ସାର ସିଞ୍ଚନ କରିବ ଏବଂ ସାଟେଲାଇଟ୍ ମାଧ୍ୟମରେ ପ୍ରତିଟି କୃଷି ଯନ୍ତ୍ରପାତି ସହିତ ମୋବାଇଲ କିମ୍ବା ଟାବଲେଟ୍ ସାହାଯ୍ୟରେ ବାର୍ତ୍ତାଳାପ କରିପାରିବ । ଆମ ଦେଶରେ ଏ ସମୟ ଆସିବା ପାଇଁ ଆଉ ବେଶୀ ଡେରି ନାହିଁ । କୃଷି ନିମନ୍ତେ ସରକାର କେବଳ ସୁଦୃଢ଼ ଭିତ୍ତିଭୂମି ଯଥା-ବିଜୁଳି, ଜଳସେଚନ, ସବୁଦିନିଆ ସଡକ ଯୋଗାଇ ଦେଲେ ଅତ୍ୟାଧୁନିକ ଜ୍ଞାନକୌଶଳ ସାହାଯ୍ୟରେ ଆମ ଦେଶର ଯୁବ ଶକ୍ତି ଏ ମାଟିରେ ସୁନା ଫଳେଇ ପାରିବେ । କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍‌ମାନଙ୍କୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପ୍ରୋତ୍ସାହନର ଆବଶ୍ୟକତା ରହିଛି ।

**(ଶ୍ରୀ ଦ୍ୱିବେଦୀ ରାଜ୍ୟର ଜଣେ ବିଶିଷ୍ଟ ସଂସ୍କାରଧର୍ମୀ ଲେଖକ ଭାବେ ପରିଚିତ)**
**ଭଦ୍ରାଣୀ, ସାଲନ୍ଦୀ ନଗର, ଭଦ୍ରକ**
**ମୋ-୯୪୩୭୧୯୧୩୫୦**
**email-saiabhay19@gmail.com**

# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସୁନ୍ଦରପଦା ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ ସୁନ୍ଦରପଦା ଶାଖା କୋକିଳା କାଞ୍ଚନ ଟାୱାରଠାରେ ଉଦ୍‌ଘାଟିତ ହୋଇଯାଇଛି। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ହରେ କୃଷ୍ଣ ଦାସ ଏହି ଶାଖାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, ସହାୟକ ମହାପ୍ରବନ୍ଧକ ବିନୟ ଶର୍ମା, ସୁନ୍ଦରପଦା ଶାଖାର ଶାଖା ମୁଖ୍ୟ ସୌମେନ୍ଦ୍ର ଦାଶଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ।



ନୂତନ ସୁନ୍ଦରପଦା ଶାଖା ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ୬୪ ତମ ଶାଖା ଅଟେ। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସୁନ୍ଦରପଦା ଅଞ୍ଚଳର ଜନସାଧାରଣଙ୍କୁ ସର୍ବୋତ୍ତମ ଗ୍ରାହକ ସେବା ପ୍ରଦାନ କରିବା ସହ ଏହି ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ଦାସ ସୂଚନା ଦେଇଛନ୍ତି।

# ଜୀବନରେଖା ମହାନଦୀ ଏବେ ମୃତ : ବଢ଼ିଚାଲିଛି ଜଳ ସମସ୍ୟା

ଭାପୁର, (ସବ୍ୟୁ) :ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ର କେନ୍ଦୁପଲ୍ଲି, କରବର, ପଦ୍ମାବତୀ .ପଥର ଚକଡ଼ା ପଂଚାୟତ ଦେଇ ବୋହିଯାଇଛି ବ୍ଲକର ଜୀବନରେଖା କୁହାଯାଉଥିବା ନଦୀର ମା ମହାନଦୀ ଏବେ ମୃତ ଅବସ୍ଥାରେ । ମାର୍ଚ୍ଚ ମାସ ପ୍ରଥମ ସପ୍ତାହରୁ ନଦୀ ଶୁଖିଲା ପଡିବା ସହ ଚାରିଆଡେ ବିସ୍ତିର୍ନ୍ନ ବାଲୁକା ଶଯ୍ୟା ଦେଖିବାକୁ ମିଳିଛି । ମହାନଦୀର ଉପର ମୁଣ୍ଡରୁ ପାଣି ଆସିବା ଠପ ହୋଇ ପଡିଚି ।ଓଡିଶା ଏ ଛତିଶଗଡ଼ ରାଜ୍ୟ ର ଅହଂକାର ପାଇଁ ମହାନଦୀ ଉପରେ ର୍ନିଭର କରି ବଞ୍ଚୁଥିବା ଭାପୁର ବ୍ଲକର ଜନସାଧାରଣ ଙ୍କ ଜୀବିକା ଓ ଜୀବନ ଉପରେ ପଡିଛି ପ୍ରଭାବ ।ମହାନଦୀ କୂଳରେ ଅବସ୍ଥିତ ଗ୍ରାମ ଗୁଡିକର ଜନତା ଏବେ ଭାଗବାନ ଙ୍କ ଭରସାରେ ହାତ ଟେକି ଦେଇଛନ୍ତି । କରବର, କେନ୍ଦୁପଲ୍ଲୀ, ପଦ୍ମାବତୀ, ପଥରଚକଡ଼ା ପଞ୍ଚାୟତବାସୀ ଙ୍କ ପାଇଁ ନା ପାନୀୟ ଜଳ, ନା ଚାଷ କ୍ଷେତକୁ ଜଳ, ନା ମାଛମାରି ବଂଚୁଥିବା ଧୀବର ମାନେ ଖରାଦିନ ଆସିଲେ ମୌଳିକ ଜୀବିକାରୁ ବଂଚିତ ହେଉଛନ୍ତି ।ମହାନଦୀରେ ବଡ଼ବଡ଼ ବୋରିଙ୍ଗ କରି ମେଗାପ୍ରକଳ୍ପ ଦାରା ନୟାଗଡ, ରଣପୁର, ଓଡ଼ଗାଁ, ଖଣ୍ଡପଡ଼ା, ଭାପୁର, ବେଗୁନିଆ ବ୍ଲକ କୁ ଜଳ ଯୋଗାଣ ହେଉଛି କିନ୍ତୁ ମହାନଦୀରେ ପାଣି ନଥିବାରୁ ଏହି ସବୁ ବ୍ଲକର ଜନସାଧାରଣ ପାଣି ପାଇବା ରେ ସମସ୍ୟା ଦେଖା ଦେଇଛି । ସେଥିପାଇଁ ପ୍ରଶାସନ ନଦୀରେ ଯେଉଁଠାରେ ପାଣି ଧାର ରହିଛି ସେଠାରୁ ବାଲି ଖୋଳି ରାସ୍ତା ମାଧ୍ୟମରେ ମେଗା ପ୍ରକଳ୍ପର ବୋରିଙ୍ଗ ସ୍ଥାନକୁ ପାଣି ଅଣାଯାଉଛି । ଏପରିକି ନଦୀ ଶଯ୍ୟାରେ ଚରୁଥିବା ଗୃହପାଳିତ ପଶୁ ପାଣି ପାଇଁ ଡହଳବିକଳ ହେଉଛନ୍ତି ।ଏହି ଅନ୍ତଃରାଜ୍ୟ ସମସ୍ୟା ଯଥାଶୀଘ୍ର ଦୂର କରାନଗଲେ ଭବିଷ୍ୟତରେ ଉତ୍କଟ ପରିସ୍ଥିତି ଦେଖାଯିବ ବୋଲି ପରିବେଶବିତ ମନେ ଚିନ୍ତା ପ୍ରକଟ କରିଛନ୍ତି ।

# ବିଜୁ ଜନତା ଦଳ କଟକ ମହାନଗର ପକ୍ଷରୁ ତିନି ବିଧାୟକଙ୍କ କୁଶପୁତ୍ତଳିକା ଦାହ

କଟକ, (ସବ୍ୟୁ) ବିଜୁ ଜନତା ଦଳ କଟକ ମହାନଗର ପକ୍ଷରୁ ମାଛୁଆ ବଜାର ସ୍ଥିତ ସହିଦ ପାର୍କ ନିକଟରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଅଛି। ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବାରୁ ଏହାର ପ୍ରତିବାଦ ରେ ତାପସ ମହାନ୍ତି , ଦେବେନ୍ଦ୍ର କାହାଳି , ମିତାଳି ଭଞ୍ଜ , ପ୍ରକାଶ ସିଂହ ଏବଂ ପ୍ରଫୁଲ୍ଲ ବେହେରା ଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ର କର୍ମୀମାନେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ,ବିଧାୟକ ସୌଭିକ୍ ବିଶ୍ୱାଳ, ବିଧାୟିକା ସୋଫିଆ ଫିର୍ଦୋଶଙ୍କର କୁଶପୁତ୍ତଳିକା ଦାହ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ କୋଷାଧ୍ୟକ୍ଷ ସୁବାସ ସିଂ, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ ସିଂ, ମହିଳା ଜିଲ୍ଲା ସଭାପତି



ଅନିତା ବେହେରା ,ସାଧାରଣ ସମ୍ପାଦକ ତାପସ ମହାନ୍ତି , ଉପ ସଭାପତି ଦେବେନ୍ଦ୍ର କାହାଳି , ଏ ଶ୍ରୀଦେବୀ, ପ୍ରଦୀପ କୁମାର ରାଉତ ,ରିତାଞ୍ଜଳୀ ବେହେରା, ବନ ଲତା ପ୍ରଧାନ , ଇତିଶ୍ରୀ ଦାସ, ଦିପାଞ୍ଜଳି ସିଂହ, ବସନ୍ତ ବେହେରା, ନାମିତ ବେହେରା, କୂରେଷା ନୁର , ପୁଷ୍ପିତା ମହାନ୍ତି, ଅରୁନ୍ଧତୀ କର, ଗୋବିନ୍ଦ ରଣା , ବିଭୁତି ସ୍ୱାଇଁ, ନିମାଇଁ ବିଶ୍ୱାଳ, ପ୍ରଫୁଲ ବେହେରା ,ଯୁଧିଷ୍ଠିର ବିଶ୍ୱାଳ, ରଘୁ ଶତପଥି , ପ୍ରହ୍ଲାଦ କର, ନିଶୀଥ କରଣ, ରାଜେଶ ରଣା, ରଂଜିତା କାହାଳି, ମିତାଳି ଭଞ୍ଜ, ପ୍ରକାଶ ସିଂହ, ମହମଦ ସକିଲ, ଆଇନଜୀବୀ ସ୍ୱଦେଶ ଦାସ, ବିଶ୍ୱନାଥ ଧୀର, ଅର୍ଦ୍ଧେନ୍ଦୁ ଶେଖର ମାଝୀ, ଷୌମିତ୍ର ମିତ୍ର, ସାଧାରଣ ସମ୍ପାଦକ ଦେବେନ୍ଦ୍ର ପାଣିଗ୍ରାହୀ, ସ୍ମିତା ମୂଳିଆ, ଅଶୋକ କୁମାର ସିଂହ , ସିକନ୍ଦର ହୁସେନ ଙ୍କ ସମେତ ଶତାଧିକ ବିଜୁ ଜନତା ଦଳ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨୬ ରୁ କଟକ-ବୈଶାଖୀ ବାଣିଜ୍ୟମେଳା

# ୧୦ ଦେଶ ଓ ୨୨ ରାଜ୍ୟର ବ୍ୟବସାୟୀ ଭାଗ ନେବେ

କଟକ, (ସ୍ୱ.ପ୍ର.) : କଟକର ଐତିହାସିକ ବାଲିଯାତ୍ରା ପଡ଼ିଆରେ ଚଳିତ ମାର୍ଚ୍ଚ ୨୬ ତାରିଖରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଛି ୨୨ତମ କଟକ ଆନ୍ତର୍ଜାତିକ ବୈଶାଖୀ ବାଣିଜ୍ୟମେଳା । ଏହି ବାଣିଜ୍ୟ ମେଳାରେ ବିଗତ ବର୍ଷ ଭଳି ଏସି ସମ୍ମାନିତ କରାଯିବ ବୋଲି କଟକ ବୈଶାଖୀ ବାଣିଜ୍ୟ ମେଳା କମିଟି ପକ୍ଷରୁ ରବିବାର ଦିନ ବାରବାଟୀ ଗେଷ୍ଟହାଉସ୍ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି । ବାଣିଜ୍ୟମେଳାରେ ଦେଶ ବିଦେଶର ବ୍ୟବସାୟୀମାନେ ସେମାନଙ୍କ କୁଶଳୀ ଅଗ୍ନିଶମ ବାହିନୀ, କଟକ ମହାନଗର ନିଗମ, ଓ୍ୱାଟକୋ ସହଯୋଗରେ ଏହି କଟକ ବୈଶାଖୀ ବାଣିଜ୍ୟମେଳାର ଆୟୋଜନ କରାଯାଉଛି ବୋଲି କମିଟି ପକ୍ଷରୁ କୁହାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ମେୟର ସୁବାସ ସିଂହ, ଅଧ୍ୟକ୍ଷ ମଧୁସୂଦନ ସାହୁ, ରୁଚିର



ହ୍ୟାଙ୍ଗର ଷ୍ଟଲରେ ଦେଶ ବିଦେଶରୁ ବହୁ ବାଣିଜ୍ୟ ପ୍ରତିଷ୍ଠାନ ଅଂଶଗ୍ରହଣ କରୁଛନ୍ତି । ଓଡ଼ିଶା ସମେତ ୨୨ଟି ରାଜ୍ୟର କ୍ଷୁଦ୍ର, ମଧ୍ୟମ ଓ ବୃହତ୍ତ ଔଦ୍ୟୋଗିକ ପ୍ରତିଷ୍ଠାନ ଏବଂ ଜଣାଶୁଣା ଉଦ୍ୟୋଗୀମାନେ ଏଥିରେ ଅଂଶଗ୍ରହଣ କରିବେ । ଚଳିତବର୍ଷ ବାଣିଜ୍ୟ ମେଳାରେ ୫୭୪ଟି ଷ୍ଟଲ ଖୋଲିବ । ଏହି ଅବସରରେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ତୃପ୍ତି ଦାସଙ୍କୁ ଚଳିତବର୍ଷ ରୁଚି ବୈଶାଖୀ ସମ୍ମାନରେ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ଏଠାରେ ବିକ୍ରୟ କରିବେ । ଓଡ଼ିଶାର ପାରମ୍ପରିକ ଖାଦ୍ୟ ମୁଢ଼ି ମାଂସ, ଛେନାଝିଲି, ରସାବଳୀ ଠାରୁ ନେଇ ରାଜସ୍ଥାନୀ ଖାଦ୍ୟ ଓ ସମସ୍ତ ପ୍ରକାର ଫାଷ୍ଟଫୁଡ୍ ଉପଲବ୍ଧ ହେବ । କଟକର ପ୍ରସିଦ୍ଧ ରଘୁ ଦହିବରା ସ୍ମୃତିରେ ଚଳିତବର୍ଷ ସ୍ୱତନ୍ତ୍ର ଦହିବରା ହାଟ ଏଥିରେ ସ୍ଥାନ ପାଉଛି । କଟକ ଜିଲ୍ଲା ପ୍ରଶାସନ, କମିଶନରେଟ ପୋଲିସ, ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ସାହୁ, ପୃଷ୍ଠପୋଷକ ଡ. ରଂଜନ କୁମାର ବିଶ୍ୱାଳ, ମେଳାର ସଂଯୋଜକ ଦେବୀପ୍ରସାଦ ଦାଶ, ସଂଜୀବ ବେହେରା, କୋଷାଧ୍ୟକ୍ଷ ଦିଲୀପ ସାହୁ, ରମେଶ ଚନ୍ଦ୍ର ସାହୁ, ଗୁପ୍ତା ଇଣ୍ଟେଟର ସୁଜିତ୍ ଗୁପ୍ତା ପ୍ରମୁଖ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ରୁଚିର ଲୋକସଂପର୍କ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଭାଷଣ ଦେଇଥିଲେ ।

# ଚୋରି କରି ଜଣେ କୋର୍ଟ ଚାଲାଣ

ସାକ୍ଷୀଗୋପାଳ ,(ସବ୍ୟୁ) : ସତ୍ୟବାଦୀ ଥାନା ଅନ୍ତର୍ଗତ ସା,,ରା ପଞ୍ଚାୟତର ମଝିକେରା ଗ୍ରାମର ରବୀନ୍ଦ୍ର ମହାନ୍ତିଙ୍କ ଘରୁ ରବିବାର ରାତିରେ କେହି ନଥିବାର ସୁଯୋଗ ନେଇ ଘରୁ ଚୋରି ହୋଇଥିବା ତାଙ୍କ ପନି ଗୀତାଞ୍ଜଳି ମହାନ୍ତି ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । କେହି ଅଜଣା ବ୍ୟକ୍ତି ତାଙ୍କ ଘରର ତାଲା ଭାଙ୍ଗି ଏକ ସୁନା ଚେନ, ଗୋଟିଏ ସୁନା ମୁଦି ଓ ନଗଦ ୮୦୦୦/- ଟଙ୍କା ଚୋରି ହୋଇଥିବା ସେ ଏତଲାରେ ଉଲ୍ଲେଖ କରିଥିଲେ । ସେହି ଗ୍ରାମର ଚନ୍ଦନ ବରାଳ (୨୩) ତାଙ୍କ ଘର ପାଖରେ ବୁଲାବୁଲି କରୁଥିବା ଖବର ପାଇ ସେ ତାଙ୍କ ଉପରେ ସନ୍ଦେହ ଥିବା ଥାନାରେ ଜଣାଇଥିଲେ । ।ସତ୍ୟବାଦୀ ପୋଲିସ ଘଟଣାର ତଦନ୍ତ କରି ଚନ୍ଦନ ବରାଳଙ୍କୁ ଜେରା କରିଥିଲେ । ଜେରା ପରେ ସମୟରେ ସତ୍ୟବାଦୀ ପୋଲିସ ତାଙ୍କ ପାଖରୁ ଏକ ସୁନା ଚେନ, ଏକ ଯୋଡ଼ା ସୁନା ମୁଦି ଓ ନଗଦ ୫୦୦୦/- ଟଙ୍କା ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ସତ୍ୟବାଦୀ ଥାନା କେସ ନଂ ୧୪୨/୨୦୨୬ରେ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ ।

## ଜାରି ରହିଛି ପରିବହନ ବିଭାଗର ସ୍ୱତନ୍ତ୍ର ସଡ଼କ ସୁରକ୍ଷା ଅଭିଯାନ

# ହେଲମେଟ୍ ପିନ୍ଧିନଥିବାରୁ ୩,୧୫୭ ଓ ଦ୍ରୁତଗତି ପାଇଁ ୧,୫୫୮ଙ୍କ ବିରୋଧରେ ଚାଲାଣ

କଟକ, (ସବ୍ୟୁ:ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟବ୍ୟାପି ସଡ଼କ ସୁରକ୍ଷାକୁ ନେଇ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି । ପରିବହନ ବିଭାଗ ପକ୍ଷରୁ ଏନଫୋର୍ସମେଣ୍ଟ ସହ ସଚେତନତା କାର୍ଯ୍ୟକ୍ରମ ଚାଲିଛି । ମାର୍ଚ୍ଚ ୨୧ ଏବଂ ୨୨ ତାରିଖରେ ସାରା ରାଜ୍ୟରେ ବ୍ୟାପକ ଯାଞ୍ଚ ଦ୍ୱାରା ମୋଟର ଯାନ ଆଇନ ଉଲ୍ଲଙ୍ଘନ କରୁଥିବା ଗାଡ଼ି ବିରୋଧରେ ଇ-ଚାଲାଣ ଜାରି ହୋଇଛି। ଏହି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ସମୟରେ ବୈଧ ଡ୍ରାଇଭିଂ ଲାଇସେନ୍ସ ନଥାଇ ଗାଡ଼ି ଚଲାଉଥିବା ମୋଟ ୩,୧୫୩ଟି ଗାଡ଼ି ଚିହ୍ନଟ ହୋଇଛି । ମାର୍ଚ୍ଚ ୨୧ ତାରିଖରେ ବିନା ଡ୍ରାଇଭିଂ ଲାଇସେନ୍ସରେ ୧,୪୪୩ଟି ଗାଡ଼ି ଚିହ୍ନଟ ହୋଇଥିବା ବେଳେ ଭୁବନେଶ୍ୱର-୧ରୁ ୧୦୪, ଝାରସୁଗୁଡ଼ା ୮୮, ବାଲେଶ୍ୱର ୭୮, ରାଉରକେଲା ୭୮, ନୂଆପଡ଼ା ୬୮, କେନ୍ଦ୍ରାପଡ଼ା ୬୭, କେନ୍ଦୁଝର ୬୨, କଟକ ୫୧ ଏବଂ ରାୟଗଡ଼ାରେ ୪୨ଟି ଗାଡ଼ି ଚିହ୍ନଟ ହୋଇଛି । ସେହିପରି ମାର୍ଚ୍ଚ ୨୨ ତାରିଖରେ ଏହି




ସଂଖ୍ୟା ୧,୭୧୦କୁ ବୃଦ୍ଧି ପାଇଛି, ଯେଉଁଥିରେ ରାଉରକେଲା ୨୧୭, ବାଲେଶ୍ୱର ୯୮, ଭୁବନେଶ୍ୱର-୨ ୯୨, ନୟାଗଡ଼ ୮୬, ଭୁବନେଶ୍ୱର-୧ରୁ ୭୭, କେନ୍ଦୁଝର ୭୩, ନବରଙ୍ଗପୁର ୬୬, ନୂଆପଡ଼ା ୬୨ ଏବଂ କଟକ ଆରଟିଓ ୩୮ଟି ଗାଡ଼ି ଚିହ୍ନଟ କରିଥିଲେ । ଏଭଳି ନିୟମ ଉଲ୍ଲଙ୍ଘନକୁ ଗୁରୁତର ସହ ଗ୍ରହଣ କରି ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ସ୍ୱତନ୍ତ୍ର ଅଭିଯାନ ସମୟରେ ଏହି ତନଖିକୁ ଆହୁରି କଡ଼ାକଡ଼ି କରିବାକୁ ନିଷ୍ପତ୍ତି ହୋଇଛି ।

ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଲାଇବା ସହ ଅନ୍ୟାନ୍ୟ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ଯେପରିକି ବିନା ହେଲମେଟରେ ଗାଡ଼ି ଚାଳନା ପାଇଁ ୩,୧୫୭, ଦ୍ରୁତଗତି ପାଇଁ ୧,୫୫୮, ଭୁଲ୍ ପାର୍ଶ୍ୱରେ ଗାଡ଼ି ଚଳାଇବା ପାଇଁ ୧୮୮, ଦୁଇ ଚକିଆରେ ଦୁଇରୁ ଅଧିକ ଯିବା ପରି ଟ୍ରାଫିକ ନିୟମ ଉଲ୍ଲଙ୍ଘନ ପାଇଁ ୨୮୨ ଟି ଗାଡ଼ି ବିରୋଧରେ ଇ-ଚାଲାଣ ଜାରି ହୋଇଛି । ଏଥିସହ ମାଲବାହୀ ଓ ଯାତ୍ରୀବାହୀ ଯାନରେ କ୍ଷମତାଠାରୁ ଅଧିକ ଭାର ବହନ କରିବା ଏବଂ ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ କରିବା ଭଳି ଅନ୍ୟାନ୍ୟ ଟ୍ରାଫିକ ନିୟମ ଉଲ୍ଲଙ୍ଘନ ବିରୋଧରେ ମଧ୍ୟ ଜରିମାନା ଜାରି ହୋଇଛି । ଏନଫୋର୍ସମେଣ୍ଟ ସହିତ ବିଭିନ୍ନ ଜିଲ୍ଲାରେ ସଚେତନତା କାର୍ଯ୍ୟକ୍ରମମାନ ମଧ୍ୟ ଆୟୋଜନ କରାଯାଇଛି । ଆଜି ରାତିରେ ମଧ୍ୟ ଟ୍ରାଫିକ ଡିସିପିଙ୍କ ଉପସ୍ଥିତିରେ କଟକ ଏମଭିଆଇ ରୂପାଲିନ୍ ବାହୁବଳେନ୍ଦ୍ର ଫୁଲନଖରା ଛକରେ ଉପସ୍ଥିତ ରହି ଗାଡ଼ି ଗୁଡ଼ିକ ତନଖି କରିଥିଲେ।

# ଆଇଏଚ୍ ସିଏଲ୍ ପକ୍ଷରୁ 'ଭାରତ ଏକ ସାଥ୍-୨୦୨୬' ୱାକାଥନ

ଭୁବନେଶ୍ୱର, (ସବ୍ୟୁ): ଟାଟା ଗ୍ରୁପର ଇଣ୍ଡିଆନ୍ ହୋଟେଲସ୍ କମ୍ପାନୀ ଲିମିଟେଡ୍ (ଆଇଏଚ୍ ସିଏଲ), କର୍ମଚାରୀମାନଙ୍କୁ ଏକତ୍ରିତ କରେ। ହୋଟେଲ୍ ତାଜ, ସେଲେକ୍ସନ୍ସ, ଭିଭାନ୍ତା ଏବଂ ଜିଞ୍ଜର ଭଳି ବ୍ରାଣ୍ଡ



ଏହାର ବାର୍ଷିକ ବିଶ୍ୱସ୍ତରୀୟ ପ୍ରୟାସ, "ଭାରତ ଏକ ସାଥ" ମାଧ୍ୟମରେ କର୍ପୋରେଟ୍ ସାମାଜିକ ଦାୟିତ୍ୱ ମାଧ୍ୟମରେ ଏକ ବିଶାଳ ୱାକାଥନର ଆୟୋଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅର୍ଥପୂର୍ଣ୍ଣ ସମ୍ପ୍ରଦାୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱବ୍ୟାପୀ ଆଇଏଚ୍ ସିଏଲ ସମେତ ବିଶ୍ୱବ୍ୟାପୀ ୬୧୫ ରୁ ଅଧିକ ହୋଟେଲ ସହିତ, ଆଇଏଚ୍ ସିଏଲର ସହଭାଗୀତାରେ ସାମାଜିକ ପରିବର୍ତ୍ତନକୁ ସହଜ କରିବା ପାଇଁ ଏହି ଶିଳ୍ପ ଏପରି ପ୍ରୟାସର ନେତୃତ୍ୱ ନେଇ ଚାଲିଛି। କାର୍ଯ୍ୟକ୍ରମ ସମୟରେ, ଦି କ୍ରାଉନ୍ ଆଇଏଚ୍ ସିଏଲ ସିଲେକ୍ସନ୍ସର ମହାପ୍ରବନ୍ଧକ ରଞ୍ଜନ ଦାସ କହିଛନ୍ତି: "ଭାରତ ଏକ ସାଥ" ତାଜନେସର ଆତ୍ମାକୁ ପ୍ରତିପାଦନ କରେ, ଯାହା କର୍ମଚାରୀମାନଙ୍କୁ ସମାଜର ସେବାରେ ଏକତା ପାଇବାକୁ ଉତ୍ସାହିତ କରେ। ଏହି ପ୍ରୟାସ ୨୬/୧୧ ମୁମ୍ବାଇ ଆକ୍ରମଣର ସମୟରେ ପ୍ରତିଷ୍ଠିତ, ତାଜ ପବ୍ଲିକ୍ ସର୍ଭିସ୍ ୱେଲଫେୟାର ଟ୍ରଷ୍ଟ (ଟିପିଏସ୍ ଡବ୍ଲୁଟି) ର ଉଦ୍ଦେଶ୍ୟ ସହିତ ଜଡିତ। ଟିପିଏସ୍ ଡବ୍ଲୁଟି ସେବେଠାରୁ ଆତଙ୍କବାଦ ଦ୍ୱାରା ପୀଡିତଙ୍କୁ ସହାୟତା କରିବା, ସେନାରେ ଆହତ ଏବଂ ବିଶେଷ ଭାବରେ ସକ୍ଷମ କର୍ମଚାରୀମାନଙ୍କୁ ସହାୟତା କରିବା, ଆଇନ ପ୍ରବର୍ତ୍ତନ ଏବଂ ସ୍ୱାସ୍ଥ୍ୟସେବା ବୃତ୍ତିଗତମାନଙ୍କୁ ସଶକ୍ତ କରିବା ଏବଂ ସାରା ଭାରତରେ ବିପର୍ଯ୍ୟୟ ସହାୟତା ପ୍ରଦାନ କରିବା ପାଇଁ ଏହାର ପରିସରକୁ ବିସ୍ତାର କରିଛି।

# ବିଶ୍ୱଜିତ ମହାନ୍ତି ବିଜେପି ପୁରୀ ଜିଲ୍ଲା ଯୁବମୋର୍ଚ୍ଚାର ନୂତନ ସଭାପତି

ପୁରୀ, (ସବ୍ୟୁ) : ଭାରତୀୟ ଜନତା ପାର୍ଟି ପକ୍ଷରୁ ପୁରୀ ଜିଲ୍ଲା ଯୁବମୋର୍ଚ୍ଚାର ନୂତନ ସଭାପତି ଭାବେ ବିଶ୍ୱଜିତ ମହାନ୍ତିଙ୍କ ନାମ ଘୋଷଣା କରାଯାଇଛି। ଦଳର ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଶ ପଣ୍ଡାଙ୍କ ସୁପାରିଶ କ୍ରମେ ଘୋଷଣା ହୋଇଥିବା ସୂଚନା ମିଳିଛି। ପୂର୍ବରୁ ବିଶ୍ୱଜିତ ମହାନ୍ତି ଜିଲ୍ଲା ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ ଏବଂ ଜଣେ ଦକ୍ଷ ସଂଗଠକ ଭାବେ ପରିଚିତ। ଦଳର ନିର୍ଦ୍ଦେଶ ଅନୁସାରେ ସେ ସମସ୍ତ କାର୍ଯ୍ୟକୁ ସଫଳତାର ସହ କରିଆସୁଥିବାରୁ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା କୁହାଯାଉଛି। ନୂତନ ସଭାପତି ଭାବେ ନିୟୋଜିତ ହେବା ପରେ ବିଶ୍ୱଜିତ ମହାନ୍ତି କହିଛନ୍ତି ଯେ, ପୁରୀ ଜିଲ୍ଲାରେ ସଂଗଠନକୁ ଆହୁରି ସୁଦୃଢ଼ କରିବା, ଯୁବକମାନଙ୍କୁ ଦଳ ସହ ଯୋଡ଼ିବା ଓ ଦଳର ନୀତି-ଆଦର୍ଶକୁ ଆଧାର କରି ସମସ୍ତ କାର୍ଯ୍ୟକୁ ଆଗେଇ ନେବେ। ସେ ଏହା ମଧ୍ୟ କହିଛନ୍ତି ଯେ, ଦଳ ଯେଉଁ ଦାୟିତ୍ୱ ଦେଇଛି, ତାହାକୁ ସଫଳତାର ସହ ପାଳନ କରିବା ପାଇଁ ସେ ସଦା ପ୍ରତିବଦ୍ଧ ରହିବେ। ଦଳୀୟ କର୍ମୀମାନଙ୍କ ମଧ୍ୟରେ ଏହି ଘୋଷଣା ପରେ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ଚାରିଆଡୁ ଶୁଭେଚ୍ଛା ର ସୁଅ ଛୁଟୁଥିବା ଦେଖିବାକୁ ମିଳିଛି

## ବିଜୁଙ୍କୁ ପ୍ରଧାନମନ୍ତ୍ରୀ କରେଇ ନଦେବା ଚକ୍ରାନ୍ତରେ ସାମିଲ ଥିବା ନେତା

# ଆଜି ବିଜୁ ଲିଗାସୀର କଥା କହୁଛନ୍ତି: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟସଭା ନିର୍ବାଚନରେ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲୀପ ରାୟଙ୍କ ବିଜୟ ପରେ, ରାଜ୍ୟର ଦୁଇ ପୁରୁଖା ନେତା ବିଜୟ ମହାପାତ୍ର ଓ ପ୍ରଭାତ ତ୍ରିପାଠୀ ଉଲ୍ଲସିତ ହୋଇ ପଡ଼ିଥିବା ବେଳେ ବିଜୁ ଜନତା ଦଳ ଏଇ ଦୁଇ ନେତାଙ୍କ ବିଜୁ ବିରୋଧୀ କାର୍ଯ୍ୟ ଗୁଡିକୁ ମନେ ପକାଇ ଦେଇଛି । ୧୯୯୫ ମସିହାରେ, ଲଗାତାର ଭାବେ ବିଜୁ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଓ ୧୯୯୬ ମସିହାରେ ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ସୁଯୋଗକୁ ଭଣ୍ଡୁର କରିବାରେ ଯେଉଁ ଚକ୍ରାନ୍ତ ହୋଇଥିଲା, ସେଥିରେ ଏଇ ଦୁଇ ନେତାଙ୍କ ସମ୍ପୃକ୍ତି ଥିଲା ବୋଲି ବିଜେଡି କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଜେଡି ବିଧାୟକ ଦଳର ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ, ବିଧାୟକ ବ୍ୟୋମକେଶ ରାୟ ଓ ଧ୍ରୁବ ଚରଣ ସାହୁ, କୁଚକ୍ରୀ ବିଜୟ ମହାପାତ୍ର ଓ ପ୍ରଭାତ ତ୍ରିପାଠୀଙ୍କ ପୂର୍ବ କାର୍ଯ୍ୟକଳାପକୁ ସ୍ମରଣ କରାଇ ସେମାନଙ୍କ ଉପରେ ବର୍ଷିଥିଲେ । ବ୍ୟୋମକେଶ ରାୟ କହିଥିଲେ, ୧୯୯୫ ମସିହାରେ, ବିଜୁ ପଟ୍ଟନାୟକଙ୍କ ସପକ୍ଷରେ ହାୱା ଥିବାବେଳେ ଓ ସେ ଲଗାତର ଭାବେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ ବୋଲି ବିଚାର କରାଯାଉଥିବା ବେଳେ ଏଇ ଦୁଇ ନେତା ଅନେକ ସ୍ଥାନରେ ସମାନ୍ତରାଳ ପ୍ରାର୍ଥୀ ଦେଇ ଏକ ଅପ୍ରତ୍ୟାଶିତ ପରାଜୟ କରାଇଥିଲେ । ସେହିପରି, ୧୯୯୬ ମସିହାରେ ବିଜୁ ବାବୁ ଦେଶର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ସୃଷ୍ଟି ହୋଇଥିଲା । କିନ୍ତୁ, ଓଡ଼ିଶାର କିଛି ନେତା ତାଙ୍କୁ ପ୍ରଧାନମନ୍ତ୍ରୀ କରାଇ ନଦେବା ପାଇଁ ଏକ ଚକ୍ରାନ୍ତ ରଚିଥିଲେ, ସେମାନଙ୍କ ମଧ୍ୟରେ ଏଇ ଦୁଇ ନେତା ଥିଲେ । ଶ୍ରୀ ସାହୁ କହିଥିଲେ, ଦିଲୀପ ଓ ବିଜୟଙ୍କ ବିବୃତିରୁ ସ୍ପଷ୍ଟ ହୋଇଛି ଯେ ତିନି ମାସ ତଳୁ ବିଜୁ ଜନତା ଦଳକୁ ଭାଙ୍ଗିବା ପାଇଁ ଚକ୍ରାନ୍ତ କରାଯାଇଥିଲା । ବିଜୁ ବାବୁଙ୍କ ବିରୋଧରେ ଚକ୍ରାନ୍ତ କରିଥିବା ଲୋକ ନବୀନଙ୍କ ବିରୋଧରେ ଚକ୍ରାନ୍ତ ରଚୁଛନ୍ତି । ଶ୍ରୀମତୀ ପ୍ରମିଳା ମଲ୍ଲିକ କହିଥିଲେ, ରାଜ୍ୟସଭା ନିର୍ବାଚନ ପରେ କିଛି ନେତା ବିଜୁ ଲିଗାସୀ ବିଷୟରେ କହୁଛନ୍ତି । ଯେଉଁମାନେ ଆଜି ବିଜୁ ବାବୁଙ୍କ ଲିଗାସୀ କଥା କହୁଛନ୍ତି, ସେହିମାନେ ବିଜୁଙ୍କୁ ପ୍ରଧାନମନ୍ତ୍ରୀ କରେଇ ନଦେବା ଚକ୍ରାନ୍ତରେ ସାମିଲ ଥିଲେ ।

## ଆଇସିଏଆଇ ପକ୍ଷରୁ" ବ୍ୟାଙ୍କ ଅଡିଟ୍ ୨୦୨୬

# ପ୍ରାକ୍ଟିକାଲ ଚ୍ୟାଲେଞ୍ଜସ୍ ଆଣ୍ଡ ଏମରଜିଙ୍ଗ୍ ଇସୁଜ୍ ସମ୍ପର୍କୀତ ସେମିନାର

ଭୁବନେଶ୍ୱର, (ସବ୍ୟୁ) : ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ(ଆଇସିଏଆଇ)ର ପୂର୍ବ ଭାରତ ଆଞ୍ଚଳୀୟ ପରିଷଦ ଅଧିନସ୍ଥ ଭୁବନେଶ୍ୱର ଶାଖା ପକ୍ଷରୁ ଏବଂ ଅଡିଟିଂ ଆଣ୍ଡ ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡସ ବୋର୍ଡର ସହଯୋଗରେ ବ୍ୟାଙ୍କ ଅଡିଟ୍ ୨୦୨୬ ପ୍ରାକ୍ଟିକାଲ ଚ୍ୟାଲେଞ୍ଜସ୍ ଆଣ୍ଡ ଏମରଜିଙ୍ଗ୍ ଇସୁଜ୍ ସମ୍ପର୍କୀତ ଏକ ଦିନିକିଆ ସମ୍ମିଳନୀ ଆଇସିଏଆଇ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉପାଧ୍ୟକ୍ଷ ସିଏ ଡଃ. ପୃଥ୍ୱୀ ରଞ୍ଜନ ପାଢ଼ୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଶାଖା ଅଧ୍ୟକ୍ଷ ସିଏ ଡଃ. ଗୌତମ ଲେଙ୍କା ସ୍ୱାଗତ ଭାଷଣ ଦେଇ ବ୍ୟାଙ୍କ ଅଡିଟ୍ କ୍ଷେତ୍ରରେ ବୃଦ୍ଧିପାଉଥିବା ଜଟିଳତା ଏବଂ ପେଶାଜିବୀମାନଙ୍କ ପାଇଁ ନିରନ୍ତର ଦକ୍ଷତା ବୃଦ୍ଧିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେମିନାର ଅଧ୍ୟକ୍ଷ ସିଏ ଅରୁଣ କୁମାର ବର୍ମା ଅଡିଟରମାନେ




ସମ୍ମୁଖୀନ ହେଉଥିବା ପ୍ରାୟୋଗିକ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏଥିରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଷ୍ଟାଚ୍ୟୁଟୋରି ସେଣ୍ଟ୍ରାଲ ଅଡିଟର ସିଏ ପ୍ରଶାନ୍ତ ପଣ୍ଡା ବୃତ୍ତିଗତ ସନ୍ଦେହପରାଣୟତା ଏବଂ ଅଡିଟିଂ ମାନଦଣ୍ଡ ଅନୁସରଣର ଗୁରୁତ୍ୱ ଉପରେ ଅଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ସିଏ ସୁଜୟ ଦତ୍ତ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଉପୁଜୁଥିବା ବିପଦ ଏବଂ ଆର୍ଥିକ ଶୃଙ୍ଖଳା ଓ ସ୍ୱଚ୍ଛଳତାକୁ ବଜାୟ ରଖିବାରେ ଅଡିଟରମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଟେକ୍ନିକାଲ ସେସନରେ ହାଇଦ୍ରାବାଦର ଡାକ୍ତର ପି. ଶିବ ରାମା ପ୍ରସାଦ ବ୍ୟାଙ୍କ ବ୍ରାଞ୍ଚ ଅଡିଟ୍‌ରେ ପ୍ରମୁଖ ବୈଶିଷ୍ଟ୍ୟତାଗୁଡିକ ଉପରେ ଆଲୋଚନା କରିଥିବା ସହ ମୁମ୍ବାଇର ସିଏ ଶ୍ୱେତା ଜୟନ୍ତ ଜୈନ ଅଡିଟ୍ କ୍ଷେତ୍ରର ଉପୁଜୁଥିବା ସମସ୍ୟାର ଦିଗଗୁଡିକ ଉପରେ ଆଲୋଚନା କରିଥିଲେ। ଭୁବନେଶ୍ୱର ଶାଖା ସଚିବ ସିଏ ସୌମ୍ୟ ସୁନୀଲ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଅଂଶଗ୍ରହଣକାରୀମାନେ ଏହି ସେମିନାରକୁ ସୂଚନାମୂଳକ ଓ ଉପଯୋଗୀ ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମଗ୍ର ଅଞ୍ଚଳରୁ ୩୦୦ରୁ ଉର୍ଦ୍ଧ୍ୱ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ଅଡିଟ୍ ବୃତ୍ତିଗତଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ମ୍ୟାନେଜିଂ କମିଟି ସଦସ୍ୟ ସିଏ ଗଗନ ବିହାରୀ ଦାସ ଏବଂ ସିଏ ପ୍ରଣବ କିଶୋର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭିମ୍ ପେମେଣ୍ଟସ୍ ଆପ୍ ର ବ୍ରାଣ୍ଡ ଆମ୍ବାସଡର୍ ଧୋନି


ଭୁବନେଶ୍ୱର (ସବ୍ୟୁ): ଏନ୍‌ପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍ ଭାରତୀୟ କ୍ରିକେଟ୍ ଟୀମର ପୂର୍ବତନ କ୍ୟାପ୍ଟେନ୍ ମହେନ୍ଦ୍ର ସିଂହ ଧୋନିଙ୍କୁ ଭିମ୍ ପେମେଣ୍ଟସ୍ ଆପ୍, "ଭାରତ କା ଅପ୍ନା ପେମେଣ୍ଟସ୍ ଆପ୍" ପାଇଁ ବ୍ରାଣ୍ଡ ଏମ୍ବାସଡର୍ ଭାବେ ନିଯୁକ୍ତ କରାଯିବା ଘୋଷଣା କରିଛି । ଏହି ସହଯୋଗ ବିଶ୍ୱାସ, ସତତା ଏବଂ ନିର୍ଭରତା ସହିତ ସମ୍ବନ୍ଧିତ ଦୁଇଟି ପରିଚିତ ନାମକୁ ଏକ ସାଙ୍ଗ ଆଣେ, ଯାହା ଯୁଗ ପରିବର୍ତ୍ତନ ଓ ଭୂଗୋଳ ସୀମାକୁ ଅନୁକୂଳ କରିଥାଏ। ଭିମ୍ ଭାରତର ଡିଜିଟାଲ୍ ପେମେଣ୍ଟ ଯାତ୍ରାରେ ଦଶକ ପୂର୍ଣ୍ଣ କରିବାକୁ ଯାଉଥିବା ସମୟରେ, ଏହି ସଂଯୋଗ ତାଙ୍କର ପରବର୍ତ୍ତୀ ବୃଦ୍ଧି ପର୍ଯ୍ୟାୟରେ ଏକ ରଣନୀତିମୂଳକ ପଦକ୍ଷେପ ଭାବେ ଚିହ୍ନିତ, ଯାହା ପରିମାଣ, ସମାବେଶ ଏବଂ ଦୀର୍ଘକାଳୀନ ବ୍ୟବହାରକାରୀ ବିଶ୍ୱାସରେ କେନ୍ଦ୍ରିତ।

## ଆଇନ୍ ଛାତ୍ରଛାତ୍ରୀ ନ୍ୟାୟ ବ୍ୟବସ୍ଥାକୁ

# ବଜାୟ ରଖିବା ନିମନ୍ତେ ଦୃଢ଼ପ୍ରତିଜ୍ଞ ହେବା ଆବଶ୍ୟକ : ଜଷ୍ଟିସ୍ ରମଣ

ଭୁବନେଶ୍ୱର, (ସବ୍ୟୁ): ଆଇନ ବୃତିକୁ ଆପଣେଇବା ନିମନ୍ତେ ଇଚ୍ଛୁକ ଛାତ୍ରଛାତ୍ରୀମାନେ ମୂଳରୁ ନ୍ୟାୟ ବ୍ୟବସ୍ଥାକୁ ବଜାୟ ରଖିବା ନିମନ୍ତେ ଦୃଢ଼ପ୍ରତିଜ୍ଞ ହେବା ଆବଶ୍ୟକ ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତୀ ମୁରହରୀ ଶ୍ରୀ ରମଣ କହିଛନ୍ତି। ଜଣେ ଆଇନଜୀବିଙ୍କୁ ନ୍ୟାୟ ପ୍ରଦାନ ବ୍ୟବସ୍ଥା ପ୍ରତି ବିଶ୍ୱସ୍ତ ରହିବା ସହ ନିର୍ଭୀକ ତଥା ସ୍ୱାଧୀନ ଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତି ହେବା ଆବଶ୍ୟକ କାରଣ ଜନସାଧାରଣଙ୍କର ନ୍ୟାୟପାଳିକା ପ୍ରତି ଅତୁଟ ବିଶ୍ୱାସ ରହିଛି ବୋଲି ସେ କହିଥିଲେ।

ଶନିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ବକ୍ତୃତାମାଳା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କୁ ବକ୍ତବ୍ୟ ପ୍ରଦାନ କରିବା ଅବସରରେ ନ୍ୟାୟମୂର୍ତ୍ତୀ ରମଣ ଏହା କହିଥିଲେ। ନ୍ୟାୟମୂର୍ତ୍ତୀ ରମଣ ଆଇନ ଓ କୃଷି ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ଜଣେ ଆଇନଜୀବିଙ୍କୁ ସତ୍ୟନିଷ୍ଠା ହେବା ସହ ପ୍ରାସଙ୍ଗିକ ତଥ୍ୟ ପ୍ରତି ଜଣେ ଆଇନ ଶିକ୍ଷାର ବିଦ୍ୟାର୍ଥୀ ସାରା ଜୀବନ ଆଇନକୁ ଅଧ୍ୟୟନ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ




ଅନୁରକ୍ତି ରଖିବା ଆବଶ୍ୟକ। ଆଇନ୍ ବୃତିରେ ପ୍ରବେଶ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କୁ ଆଇନ ବ୍ୟବସ୍ଥାକୁ ଗଭୀର ଭାବେ ଅଧ୍ୟୟନ କରିବା ଆବଶ୍ୟକ ଏବଂ ଏହା ଏକ ନିରନ୍ତର ପ୍ରଚେଷ୍ଟା ହେବା ଦରକାର। କାରଣ ଏହାର କୌଣସି ବିକଳ୍ପ ନାହିଁ। ଅଧ୍ୟକ୍ଷତା କରିଥିବା ବେଳେ ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ'ର ବରିଷ୍ଠ ପ୍ରଫେସର ମଧୁସୂଦନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାରତୀୟ ଏଲପିଜି ଜାହାଜକୁ ଇରାନ ଦେଲା ଗୁପ୍ତ ପଥ

ତେହେରାନ : ହର୍ମୁଜ୍ ପ୍ରଣାଳୀ ଦେଇ ଆଉ ଦୁଇଟି ଏଲ୍ପିଜି ବହନକାରୀ ଭାରତୀୟ ଜାହାଜ ଭାରତକୁ ଆସୁଛି। ଡାମିଏନ୍ ସାଇମନ୍ ସୋମବାର ହର୍ମୁଜ୍ ଜାରି ରହିଥିବା କାର୍ଯ୍ୟକଳାପ ଆଧାରରେ ଏହା ରିପୋର୍ଟ କରିଛି। ଭାରତୀୟ ପତାକା ଲାଗିଥିବା ଦୁଇଟି ଏଲ୍ପିଜି ଟ୍ୟାଙ୍କର୍ ପର୍ସିଆନ୍ ଉପସାଗରରୁ ଭାରତ ମୁହାଁ ହୋଇଛନ୍ତି। ଇରାନୀ ଅଧିକାରୀ ଜଗ ବସନ୍ତ ଏବଂ ପାଇନ୍ ଗ୍ୟାସ୍ ନାମକ ଏହି ଦୁଇ ଜାହାଜକୁ ହର୍ମୁଜ୍ ପ୍ରଣାଳୀର ଲାରାକ୍-କେଶମ୍ ଚ୍ୟାନେଲ୍ ଦେଇ ଗୁପ୍ତ ଭାବେ ବାଟ ଦେଇଛନ୍ତି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହି ପଥ ଇରାନ୍ ପାଇଁ



ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି।

ଇସ୍ରାଏଲୀ ଏବଂ ଆମେରିକୀୟ ଆକ୍ରମଣ ପରେ, ଇରାନ୍ କେବଳ କିଛି ଜାହାଜକୁ ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଅନୁମତି ଦେଇଛି। ଇରାନୀ ଅଧିକାରୀମାନେ ଏହି ମନୋନୀତ ଜାହାଜଗୁଡ଼ିକୁ ଲାରାକ୍-କେଶମ୍ ଚ୍ୟାନେଲ୍ ଦେଇ ଅନୁମତି ଦେଉଛନ୍ତି। ହର୍ମୁଜ୍ ପ୍ରଣାଳୀରେ ଯାଉଥିବା ଜାହାଜଗୁଡ଼ିକ ସାଧାରଣତଃ ଲାରାକ୍-କେଶମ୍ ଦେଇ ଯାଆନ୍ତି ନାହିଁ, କିନ୍ତୁ ଏହା ସମ୍ପ୍ରତି କରାଯାଉଛି। ଏହା ପଛରେ ଇରାନର ଏକ ନିର୍ଦ୍ଦିଷ୍ଟ ରଣନୀତି ଅଛି। ଏହି ଚ୍ୟାନେଲ ଇରାନ ପାଇଁ ଏକ ଅତ୍ୟନ୍ତ ସୁଦୃଢ଼ ଅଞ୍ଚଳ । ଏହା ଇରାନର କ୍ଷେତ୍ରୀୟ ଜଳସୀମା (ଟିଟିଡବ୍ଲୁ) ମଧ୍ୟରେ ଅବସ୍ଥିତ।ଏହାର ଦୃଢ଼ ସ୍ଥିତିକୁ ଦୃଷ୍ଟିରେ ରଖି, ଇରାନ ପାରମ୍ପରିକ ରାସ୍ତା ପରିବର୍ତ୍ତେ ଏହି ରାସ୍ତା ଦେଇ ଭାରତ ଏବଂ ଅନ୍ୟାନ୍ୟ ଦେଶରୁ ଜାହାଜଗୁଡ଼ିକୁ ସ୍ଥାନାନ୍ତର କରାଉଛି। ଇରାନ ପାଇଁ ଜାହାଜ ପରିବହନ ଉପରେ କଡ଼ା ନଜର ରଖିବା ପାଇଁ ଏହା ଏକ ବିକଳ୍ପ ମାର୍ଗ ପାଲଟିଛି। ଇରାନ ଯେଉଁ ଦେଶମାନଙ୍କ ସହିତ ଭଲ ସମ୍ପର୍କ ରଖିଛି, କିମ୍ବା ଯେଉଁ ଦେଶମାନଙ୍କ ଜାହାଜଗୁଡ଼ିକୁ ଇରାନ ଆଲୋଚନା ପରେ ଅନୁମତି ଦେବାକୁ ନିଷ୍ପତ୍ତି ନେଇଥାଏ, ସେମାନଙ୍କୁ ଅନୁମତି ଦେବା ପାଇଁ ଲାରାକ-କ୍ୱେଶମ୍ ଚ୍ୟାନେଲ୍ ବ୍ୟବହାର କରାଯାଉଛି।

# ଦୁର୍ବଳ ହେଲା ଭାରତୀୟ ଟଙ୍କା

ମୁମ୍ବାଇ: ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ସୋମବାର ଆହୁରି ଦୁର୍ବଳ ହୋଇପଡ଼ିଛି। ଡଲାରର ବିନିମୟ ମୂଲ୍ୟ ୯୩ ଟଙ୍କା ୯୫ ପଇସା ହୋଇଯାଇଛି। ଏହା ହେଉଛି ଡଲାର ତୁଳନାରେ ଟଙ୍କାର ସର୍ବନିମ୍ନ ବିନିମୟ ମୂଲ୍ୟ। ଇରାନ ସହ ଇସ୍ରାଏଲ ଓ ଆମେରିକା ଯୁଦ୍ଧ ଆରମ୍ଭ ହେବା ପରଠାରୁ ଟଙ୍କା ଚାପରେ ରହିଛି ଓ ଲଗାତାର ଭାବେ ତଳକୁ ଖସୁଛି। ଗତ ଶୁକ୍ରବାର ଡଲାରର ବିନିମୟ ମୂଲ୍ୟ ୯୩ ଟଙ୍କା ୭୩ ପଇସା ଥିଲା। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚତୁର୍ଥ ସପ୍ତାହରେ ପହଞ୍ଚିଥିବାରୁ ଶକ୍ତି ସଙ୍କଟ ଆହୁରି ଭୟଙ୍କର ହେବା ଆଶଙ୍କା କରାଯାଉଛି। ତାହାର ପ୍ରଭାବରେ ଡଲାର ଶକ୍ତିଶାଳୀ ହେଉଛି। ଯୁଦ୍ଧ ପାଇଁ ମାର୍ଚ୍ଚରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦାମ୍ ୫୦ ପ୍ରତିଶତ ବଢ଼ିଛି। ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି କହିଛି ଯେ ୧୯୭୦ରେ ଘଟିଥିବା ତୈଳ ସଙ୍କଟଠାରୁ ବର୍ତ୍ତମାନ ସ୍ଥିତି ଆହୁରି ଖରାପ ରହିଛି। ତେଲ ଦର ବଢୁଥିବାରୁ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେଉଛି। ଯୁଦ୍ଧ ଆରମ୍ଭ ପରଠାରୁ ଟଙ୍କା ୩ ପ୍ରତିଶତ ଦୁର୍ବଳ ହୋଇସାରିଲାଣି। ଖୁବ୍ଶୀଘ୍ର ଡଲାର ତୁଳନାରେ ଟଙ୍କା ଦାମ ୯୪ ଟଙ୍କା ସ୍ତର ଅତିକ୍ରମ କରିଯିବ ବୋଲି ଆଶଙ୍କା କରାଯାଉଛି।

ଭାରତ ନିଜ ଆବଶ୍ୟକତା ପୂରଣ କରିବା ଲାଗି ଅନେକ ଜିନିଷ ଆମଦାନି କରୁଛି। ସେଥିପାଇଁ ଡଲାର ଆବଶ୍ୟକ। ଆମଦାନି ବଢୁଥିବାରୁ ଡଲାର ଚାହିଦା



ବଢ଼ିବା ସହ ଟଙ୍କା ଚାପରେ ରହୁଛି। ଏହି ସ୍ଥିତି ଉପରେ ନିୟନ୍ତ୍ରଣ ହାସଲ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ନିଜ ଭଣ୍ଡାରରୁ ନିୟମିତ ବ୍ୟବଧାନରେ ଡଲାର ବାହାର କରି କମ୍ ଦାମ୍ରେ ବିକ୍ରି କରୁଛି।

## ବିମାନ ସହ ପିଟି ହେଲା ଟ୍ରକ୍ ୨ ପାଇଲଟ ମୃତ

ନ୍ୟୁୟର୍କ ସିଟି : ବିମାନ ବନ୍ଦରରେ ଘଟିଛି ବଡ଼ ଅଘଟଣ। ଏୟାର କାନାଡା ଏକ୍ସପ୍ରେସର ଗୋଟିଏ ବିମାନ ଓ ଟ୍ରକ୍ ମଧ୍ୟରେ ହୋଇଛି ଭୟଙ୍କର ଦୁର୍ଘଟଣା। ନ୍ୟୁୟର୍କର ଏଲାଗାର୍ଡିଆ ଏୟାରପୋର୍ଟ ରନୱେରେ ଏତେ ବଡ଼ ଘଟିଥିବା ବେଳେ ବିମାନର ୨ ଜଣ ଯାକ ପାଇଲଟ ପ୍ରାଣ ହରାଇଛନ୍ତି।ସେହିପରି ଅଗ୍ନି ନିରାପତ୍ତା ପାଇଁ ବ୍ୟବହୃତ ଦୁର୍ଘଟଣା ଗ୍ରସ୍ତ ଟ୍ରକର ୨ ଜଣ କର୍ମଚାରୀଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ରହିଛି। ଏହାବାଦ ବିମାନରେ ଥିବା ଅନେକ ଯାତ୍ରୀ ସାମାନ୍ୟରୁ ମଧ୍ୟମ ଧରଣର ଆହତ ହୋଇଛନ୍ତି।ଏୟାରପୋର୍ଟର ୪ ନମ୍ବର ରନୱେରେ ବିମାନଟି ଅବତରଣ କରୁଥିବା ବେଳେ ନିଆଁ ଲିଭାଇବା ପାଇଁ ବ୍ୟବହୃତ ଟ୍ରକର ଇଞ୍ଜିନରେ ପିଟି ହୋଇଯାଇଥିବା ସ୍ଥାନୀୟ ଗଣମାଧ୍ୟମଗୁଡ଼ିକ ରିପୋର୍ଟ ପ୍ରକାଶ କରିଛନ୍ତି। ଘଟଣା ପରେ ସାମ୍ନାକୁ ଆସିଥିବା ଭିଡିଓରେ ଏୟାରପୋର୍ଟରେ କେମିତି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି, ତା'ର ଦୃଶ୍ୟ ରହିଛି।

# ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରୁଛି ଇରାନ

ତେହେରାନ: ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଏକ ଆକର୍ଷଣୀୟ ଘଟଣା ସାମ୍ନାକୁ ଆସିଛି। ଇରାନର ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଜିସି) ଇସ୍ରାଏଲ ଉପରେ ନିକ୍ଷେପ କରାଯାଇଥିବା ବାଲିଷ୍ଟିକ୍ କ୍ଷେପଣାସ୍ତ୍ରରେ ସ୍ପେନ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ଙ୍କ ଫଟୋ ଲଗାଇଛି। ଏହି କ୍ଷେପଣାସ୍ତ୍ରଗୁଡ଼ିକରେ ସାଞ୍ଚେଜଙ୍କୁ ଯୁଦ୍ଧ ବିରୋଧୀ ବକ୍ତବ୍ୟ ମଧ୍ୟ ରହିଛି, ଯାହା ଇରାନର ମତକୁ ସ୍ପଷ୍ଟ କରୁଛି।ସ୍ପେନିସ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ସମ୍ପ୍ରତି ଏକ ଭାଷଣରେ ସ୍ପଷ୍ଟ ଭାବରେ କହିଥିଲେ ଯେ, ସ୍ପେନ୍ ଯୁଦ୍ଧରେ



ଯୋଗଦେବ ନାହିଁ। ସାଞ୍ଚେଜ୍ ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲୀ ଆକ୍ରମଣକୁ କଡ଼ା ସମାଲୋଚନା କରି ଏହାକୁ ଅଯଥା, ବେଆଇନ ଏବଂ ବିପଜ୍ଜନକ ବୋଲି କହିଥିଲେ। ଏହି ଆକ୍ରମଣଗୁଡ଼ିକ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରୁଛି ଏବଂ ସାଧାରଣ ନାଗରିକଙ୍କ ପାଇଁ ଘାତକ ହୋଇପାରେ ବୋଲି ସେ କହିଥିଲେ।ଇରାନୀ ଗଣମାଧ୍ୟମ ଦ୍ୱାରା ପ୍ରକାଶିତ ଫଟୋଗୁଡ଼ିକରେ ଆଇଜିସି ସୈନିକମାନେ ପେଡ୍ରୋ ସାଞ୍ଚେଜ୍ ଏବଂ ତାଙ୍କର ଯୁଦ୍ଧ ବିରୋଧୀ ବାର୍ତ୍ତାର ଚିତ୍ର ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରରେ ଲଗାଉଥିବାର ଦେଖାଯାଇଥିଲା। ଏଥିରେ ଲେଖାଯାଇଛି,ଏହି ଯୁଦ୍ଧ କେବଳ ବେଆଇନ ନୁହେଁ, ଏହା ଅମାନବୀୟ ମଧ୍ୟ। ବାର୍ତ୍ତାଟି ଇଂରାଜୀ ଏବଂ ପାର୍ସି ଉଭୟ ଭାଷାରେ ଲେଖାଯାଇଛି। ଇରାନର ସେନା ପୂର୍ବରୁ ଆକ୍ରମଣ ସମୟରେ ମଧ୍ୟ ଅସ୍ତ୍ରଶସ୍ତ୍ର ଉପରେ ବାର୍ତ୍ତା ଲେଖିଛି। ସ୍ପେନିସ୍ ସରକାର ଏହି ବିବାଦ ଉପରେ ନିଜର ସ୍ଥିତି ସ୍ପଷ୍ଟ କରିଛନ୍ତି। ସ୍ପେନ୍ ଆମେରିକୀୟ ସାମରିକ ଘାଟି ପାଇଁ ରୋଟା ନୌସେନା ଘାଟି ଏବଂ ମୋରୋନ୍ ଏୟାର ବେସ୍ ପ୍ରବେଶକୁ ଅବରୋଧ କରିଛି। ଏହି ପଦକ୍ଷେପ ଇରାନ ବିରୋଧରେ ଆମେରିକୀୟ ସାମରିକ କାର୍ଯ୍ୟାନୁଷ୍ଠାନକୁ ରୋକିବା ପାଇଁ ଏକ ପ୍ରୟାସ ଥିଲା। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଥିପାଇଁ ସ୍ପେନକୁ କଡ଼ା ସମାଲୋଚନା କରିଥିଲେ, ବାଣିଜ୍ୟ ସମ୍ପର୍କ ଛିନ୍ନ କରିବାକୁ ଧମକ ଦେଇଥିଲେ। ଏହା ସତ୍ତ୍ୱେ, ସ୍ପେନ ଅଟଳ ରହିଥିଲା।



ସୋମବାର ପାର୍ଲାମେଣ୍ଟ ହାଉସଠାରେ ଓଡିଶା ରାଜ୍ୟପାଳ ଡ. ହରିବାବୁ କମ୍ଭମପଟି ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି।

## ପଶ୍ଚିମ ଏସିଆ ଘଟଣାକ୍ରମ ଉପରେ ଆନ୍ତଃମନ୍ତ୍ରଣାଳୟ ସମୀକ୍ଷା

ନୂଆଦିଲ୍ଲୀ : ପଶ୍ଚିମ ଏସିଆ ଘଟଣାକ୍ରମକୁ ନେଇ ଆଜି ଭାରତ ସରକାରଙ୍କ ପକ୍ଷରୁ ଆଉ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ, ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ଏବଂ ବିଦେଶ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ପରିବର୍ତ୍ତିତ ପରିସ୍ଥିତି, ଇନ୍ଧନ ଯୋଗାଣ ସ୍ଥିତି, ଜାହାଜ ଚଳାଚଳ, ଭାରତୀୟ ନାଗରିକଙ୍କ ସୁରକ୍ଷା ଓ ସହାୟତା ଉପାୟ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା।

ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ହୋର୍ମୁଜ୍ ପ୍ରଣାଳୀରେ ବାଧା ସୃଷ୍ଟି ହେବା ପରେ ଇନ୍ଧନ ଯୋଗାଣକୁ ବାଧାମୁକ୍ତ କରିବା ଲାଗି ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲା। ଦେଶରେ ଯଥେଷ୍ଟ ପରିମାଣରେ ପେଟ୍ରୋଲ ଓ ଡିଜେଲ ମହଜୁଦ ରହିଛି। ସ୍ୱଦେଶୀ ଏଲପିଜି ଉତ୍ପାଦନ ବୃଦ୍ଧି ପାଇଛି। ବିଶୋଧନାଗାରଗୁଡ଼ିକ ସର୍ବୋଚ୍ଚ କ୍ଷମତାରେ କାମ କରୁଥିବା ମନ୍ତ୍ରଣାଳୟର ଅଧିକାରୀ କହିଥିଲେ। କୌଣସି ଖୁଚୁରା ବିକ୍ରୟ କେନ୍ଦ୍ରରେ ଇନ୍ଧନ ଅଭାବ ସମ୍ପର୍କରେ ସୂଚନା ମିଳିନାହିଁ। ଯଥେଷ୍ଟ ପରିମାଣରେ ପେଟ୍ରୋଲ ଓ ଡିଜେଲ୍ ମହଜୁଦ ଥିବାରୁ ଭୟଭୀତ ହୋଇ କିଣାକିଣି ନକରିବାକୁ କୁହାଯାଇଥିଲା। ଘରୋଇ ପିଏନଜି ଓ ସିଏନଜି ସମେତ ପ୍ରାଥମିକତା କ୍ଷେତ୍ରରେ ନିୟମିତ ଯୋଗାଣ ଜାରି ରହିଛି। ଶିଳ୍ପ ଓ ବ୍ୟବସାୟିକ ଉପଭୋକ୍ତାଙ୍କ ପାଇଁ ୮୦ ପ୍ରତିଶତ ଗ୍ୟାସ ଯୋଗାଣ ନିୟନ୍ତ୍ରଣ କରାଯାଉଛି। ଭାରତ ସରକାର ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସହ ନିୟମିତ ଯୋଗାଯୋଗ ରଖି ସୁଲଭ ଯୋଗାଣ ସୁନିଶ୍ଚିତ କରୁଛନ୍ତି। ମାର୍ଚ୍ଚ ୨୦୨୬ର ପ୍ରଥମ ତିନି ସପ୍ତାହରେ ସିଟି ଗ୍ୟାସ ବିତରଣ ସଂସ୍ଥାଗୁଡ଼ିକ ଦ୍ୱାରା ସାଢ଼େ ୩ ଲକ୍ଷରୁ ଅଧିକ ଘରୋଇ ଓ ବ୍ୟବସାୟିକ ପିଏନଜି ସଂଯୋଗ ଦିଆଯାଇଛି। ଅନ୍ୟପଟେ ଭୟଭୀତ ହୋଇ ଗ୍ୟାସ ସିଲିଣ୍ଡର ବୁକିଂ ମାମଲା ଯଥେଷ୍ଟ ହ୍ରାସ ପାଇଛି। ଘରୋଇ ସିଲିଣ୍ଡର ଯୋଗାଣ ସ୍ୱାଭାବିକ ରହିଛି। କଳାବଜାର ଓ ମହଜୁଦକୁ ରୋକିବା ଲାଗି ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀମାନଙ୍କୁ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ରାଜ୍ୟରେ ୨୪ଶହରୁ ଅଧିକ ଚଢ଼ାଉ କରାଯାଇ ୮୦୦ରୁ ଅଧିକ ସିଲିଣ୍ଡର ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୫୫୦ ଏତଲା ହୋଇଛି ଏବଂ ୧୫୦ ଜଣ ଗିରଫ ହୋଇଛନ୍ତି। ଗୁଜବକୁ ବିଶ୍ୱାସ ନକରିବା ଏବଂ ସରକାରୀ ସୂଚନାକୁ ଭରସା କରିବାକୁ ସରକାର ନାଗରିକମାନଙ୍କୁ ଅପିଲ କରିଛନ୍ତି। ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟର ଅଧିକାରୀ ଏହି ସାମ୍ବାଦିକ ସମ୍ମିଳନୀରେ ଜାହାଜ ଚଳାଚଳ ଏବଂ ସାମୁଦ୍ରିକ ସୁରକ୍ଷା ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ।

## ଅଚଳ ଖାତାର ୫୨୦୦ କୋଟି ଫେରାଇବ ଇପିଏଫ୍ଓ

ନୂଆଦିଲ୍ଲୀ : କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ)ରେ ଅଚଳ ହୋଇ ପଡ଼ିରହିଥିବା ଖାତାଗୁଡ଼ିକରେ ୫୨୦୦ କୋଟି ଟଙ୍କାର ଜମାରାଶି ରହିଛି। ଖାତାଗୁଡ଼ିକର ପ୍ରକୃତ ହିତାଧିକାରୀଙ୍କ ପାଖରେ ସେହି ଟଙ୍କା ପହଞ୍ଚାଇବାକୁ ଉଦ୍ୟମ ଆରମ୍ଭ ହୋଇଛି। ସେଥିପାଇଁ ଏକ ସ୍ୱୟଂକ୍ରିୟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ତାହା ଜରିଆରେ ସେହି ଅଚଳ ଖାତାର ସଦସ୍ୟ କିମ୍ବା ତାଙ୍କ ହିତାଧିକାରୀମାନେ ଟଙ୍କା ଉଠାଇପାରିବେ। ଟଙ୍କା ପାଇବା ଲାଗି ସଦସ୍ୟମାନଙ୍କୁ କୌଣସି ଦାବି ଉପସ୍ଥାପନ କରିବାକୁ ପଡ଼ିବ ନାହିଁ। ପ୍ରାରମ୍ଭିକ ପର୍ଯ୍ୟାୟରେ ଆଧାର ପ୍ରମାଣୀକରଣ ହୋଇଥିବା ୮.୧ ଲକ୍ଷ ଖାତା ବିଚାରକୁ ନିଆଯିବ। ସେହି ଖାତାଗୁଡ଼ିକରେ ୫୨୦୦ କୋଟି ଟଙ୍କା ପଡ଼ିରହିଛି। ସେଥିରୁ ୧୪,୦୦୦ ଖାତାରେ ୫ ଲକ୍ଷ ଟଙ୍କାରୁ ଅଧିକ ଜମା ରାଶି, ୩୮୦୦୦ ଖାତାରେ ୧ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ୪୧୦୦୦ ଖାତାରେ ୫୦,୦୦୦ରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା ରାଶି ରହିଛି। ଏକ ହଜାର ଟଙ୍କାରୁ କମ୍ ଜମାରାଶି ଥିବା ଖାତାର ବାଲାନ୍ସକୁ ହିତାଧିକାରୀମାନଙ୍କୁ ସ୍ୱୟଂକ୍ରିୟ ପ୍ରକ୍ରିୟାରେ ପ୍ରଦାନ କରିବା ସଂକ୍ରାନ୍ତ ପ୍ରସ୍ତାବକୁ ଇପିଏଫ୍ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ମଞ୍ଜୁର କରିଛି। ଏହି ଖାତା ସହ ଯୋଡ଼ିହୋଇଥିବା ବ୍ୟାଙ୍କ ଖାତାରେ ସେହି ରାଶି ସିଧାସଳଖ ଜମା କରାଯିବ। ସେହି ଢାଞ୍ଚାରେ ଅନ୍ୟ ଖାତାର ଜମାରାଶି ହିତାଧିକାରୀଙ୍କୁ ହସ୍ତାନ୍ତର କରିବାକୁ ଆଉ ଏକ ରଣନୀତି ପ୍ରସ୍ତୁତ କରାଯିବ।୨୦୧୭ ଅକ୍ଟୋବର ପରେ ଇପିଏଫ୍ଓରେ ଯୋଡ଼ିହୋଇଥିବା ସଦସ୍ୟମାନଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବ।ଯେତେବେଳେ ଇପିଏଫ୍ଓର କୌଣସି ଖାତାରେ ସୁଧ ଜମା ହେବା ପ୍ରକ୍ରିୟା ବନ୍ଦ ହୋଇଯାଏ ତାହାକୁ ଅଚଳ ଖାତା ଭାବେ ବିଚାର କରାଯାଏ। ୫୫ ବର୍ଷ ବୟସରେ ଅବସର ଗ୍ରହଣ କରିଥିବା ସଦସ୍ୟଙ୍କ ଖାତାରେ ତିନି ବର୍ଷ ପର୍ଯ୍ୟନ୍ତ କୌଣସି ଟଙ୍କା ଜମା ନ ହେଲେ ତାହାକୁ ମଧ୍ୟ ଅଚଳ ଖାତା ବୋଲି ବିଚାର କରାଯାଏ। କିନ୍ତୁ ୫୫ ବର୍ଷରୁ କମ୍ ବୟସର ସଦସ୍ୟମାନଙ୍କ ଖାତାରେ ତାଙ୍କୁ ୫୮ ବର୍ଷ ବୟସ ହେବା ପର୍ଯ୍ୟନ୍ତ ସୁଧ ଜମା କରାଯାଏ। ୨୦୨୬ ଫେବ୍ରୁଆରି ସୁଦ୍ଧା ଇପିଏଫ୍ଓରେ ୩୧.୮ ଲକ୍ଷ ଅଚଳ ଖାତା ରହିଛି। ସେଥିରେ ମୋଟ୍ ୧୦,୧୮୧ କୋଟି ଟଙ୍କାର ଜମାରାଶି ରହିଛି। ସେଥିରୁ ୭ ଲକ୍ଷ ଖାତା ୨୦ ବର୍ଷରୁ ଅଧିକ ପୁରୁଣା। ୧.୮ ଲକ୍ଷ ୧୦-୨୦ ବର୍ଷ ପୁରୁଣା ଏବଂ ୧୩ ଲକ୍ଷ ଖାତା ୫-୧୦ ବର୍ଷ ପୁରୁଣା ରହିଛି।

# ତାମିଲନାଡୁରେ ଏନଡିଏର ସିଟ୍ ବଣ୍ଟନ ଚୂଡ଼ାନ୍ତ

## ୨୭ଟି ଆସନରେ ଲଢ଼ିବ ବିଜେପି

ନୂଆଦିଲ୍ଲୀ: ଆଗାମୀ ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଆଜି ସିଟ୍ ଶେୟାରିଂ ଫର୍ମୁଲା ଚୂଡ଼ାନ୍ତ କରିଛି ଏନଡିଏ। ଦେଶର ବିଭିନ୍ନ ରାଜ୍ୟରେ ବଡ଼ ଭାଇ ଭୂମିକାରେ ରହୁଥିବା ବିଜେପି ତାମିଲନାଡୁରେ ନିଜ ଆଭିମୁଖ୍ୟ ବଦଳାଇଛି। ଦଳ ଏଠାରେ ଏଆଇଏଡିଏମକେ ସହ ମେଣ୍ଟ କରି ନିର୍ବାଚନ ଲଢ଼ିବାକୁ ଯାଉଛି। ଏଥିପାଇଁ ଏଆଇଏଡିଏମକେ ବଡ଼ ଭାଇ ଓ ବିଜେପି ସାନ ଭାଇ ଭୂମିକାରେ ରହିବ।ରାଜ୍ୟର ୨୩୪ଟି ବିଧାନସଭା ଆସନରୁ ବିଜେପି କେବଳ ୨୭ଟି ସ୍ଥାନରେ ପ୍ରାର୍ଥୀ ଦେବ। ଏଆଇଏଡିଏମକେ ୧୭୮ଟି ଆସନରେ ନିର୍ବାଚନ ଲଢ଼ିବ। ଏହାବାଦ ମେଣ୍ଟରେ ଥିବା ପିଏମକେ ୧୮ଟି ଓ ଏଏମଏମକେ ଭାଗରେ ୧୧ଟି ଆସନ ପଡ଼ିଛି। ଏଆଇଏଡିଏମକେର ମୁଖ୍ୟ ଏଡାପ୍ପାଡି କେ ପଲାନିସ୍ୱାମୀ(ଇପିଏସ୍) କହିଛନ୍ତି ଯେ ମେଣ୍ଟରେ ଆଲୋଚନା ବେଶ ଫଳପ୍ରଦ ରହିଥିଲା ଓ ସବୁ



ଦଳ ମିଳିତ ଭାବେ ସିଟ ଶେୟାରିଂ ଫର୍ମୁଲା ଚୂଡ଼ାନ୍ତ କରିଛନ୍ତି। ଅନ୍ୟ କିଛି ଦଳ ଗୁଡ଼ିକ ସହ ଆଲୋଚନା ଚାଲିଛି। ସେମାନଙ୍କ ସିଟ ସମ୍ପର୍କରେ ମଧ୍ୟ ଦରକାର ପଡ଼ିଲେ ଘୋଷଣା କରାଯିବ।ଏନଡିଏକୁ ସେ ବିଜୟ ମେଣ୍ଟ ବୋଲି କହିବା ସହ ରାଜ୍ୟରେ ସମସ୍ତ ଆସନରେ ସହଯୋଗୀମାନେ ଜିତିବେ ବୋଲି ଦମ୍ଭୋକ୍ତି କରିଛନ୍ତି। ଏଆଇଏଡିଏମକେ ଏକାକୀ ସରକାର ଗଠନ କରିବ ବୋଲି ସେ କହିବାକୁ ପଛାଇ ନାହାନ୍ତି। ବିଜେପିର ତାମିଲନାଡୁ ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ କହିଛନ୍ତି ଯେ ରାଜ୍ୟବାସୀ ଆସନ୍ତା ବିଧାନସଭା ନିର୍ବାଚନରେ ଡିଏମକେ-କଂଗ୍ରେସ ମେଣ୍ଟକୁ ପ୍ରତ୍ୟାଖ୍ୟାନ କରିବେ। ମହାରାଷ୍ଟ୍ର, ହରିୟାଣା, ବିହାର ଓ ଦିଲ୍ଲୀରେ ଯେମିତି ଇଣ୍ଡିଆ ମେଣ୍ଟକୁ ଲୋକ ଗ୍ରହଣ କଲେ ନାହିଁ, ତାମିଲନାଡୁରେ ମଧ୍ୟ ସମାନ ସ୍ଥିତି ଉପୁଜିବ ବୋଲି ସେ କହିଛନ୍ତି।ତାମିଲନାଡୁର ୨୩୪ଟି ବିଧାନସଭା ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ। ଆସନ୍ତା ଏପ୍ରିଲ ୨୩ରେ ରାଜ୍ୟବାସୀ ନୂଆ ସରକାର ପାଇଁ ମତଦାନ କରିବେ। ସେହିପରି ମେ' ୪ରେ ଭୋଟ ଗଣତି ସହ ରେଜଲ୍ଟ ପ୍ରକାଶ ପାଇବ। ପଡ଼ୋଶୀ ପୁଡୁଚେରୀରେ ଲୋକମାନେ ୩୦ଟି ଆସନ ପାଇଁ ଏପ୍ରିଲ ୯ରେ ଭୋଟ ଦେବ। ଏଠାରେ ମଧ୍ୟ ମେ' ୪ରେ ରେଜଲ୍ଟ ପ୍ରକାଶ ପାଇବ।

## ପୂର୍ବତନ ପଞ୍ଜାବ ମନ୍ତ୍ରୀ ଲାଲଜିତ ସିଂହ ଗିରଫ

ଅମୃତସର : ପଞ୍ଜାବରେ ଜଣେ ରାଜ୍ୟ ପଣ୍ୟାଗାର ଅଧିକାରୀଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇଥିବା ଅଭିଯୋଗରେ ପୂର୍ବତନ ପଞ୍ଜାବ ମନ୍ତ୍ରୀ ତଥା ଆପ୍ ବିଧାୟକ ଲାଲଜିତ ସିଂହ ଭୁଲ୍ଲରଙ୍କୁ ସୋମବାର ଗିରଫ କରାଯାଇଛି। ଭୁଲ୍ଲରଙ୍କୁ ଫତେଗଡ଼ ସାହେବ ଜିଲ୍ଲାର ମଣ୍ଡି ଗୋବିନ୍ଦଗଡ଼ରୁ ଗିରଫ କରାଯାଇଥିବା ନେଇ ଜଣେ ପୁଲିସ ଅଧିକାରୀ ଅମୃତସରରେ ସାମ୍ବାଦିକମାନଙ୍କୁ କହିଛନ୍ତି। ପୁଲିସ କହିଛି ଯେ, ଭୁଲ୍ଲରଙ୍କୁ ମଣ୍ଡି ଗୋବିନ୍ଦଗଡ଼ରୁ ଅମୃତସର ଅଣାଯାଇଛି ଏବଂ ମଙ୍ଗଳବାର ତାଙ୍କୁ କୋର୍ଟରେ ହାଜର କରାଯିବ।ଉଲ୍ଲେଖଯୋଗ୍ୟ, ଅମୃତସରରେ ପଞ୍ଜାବ ରାଜ୍ୟ ପଣ୍ୟାଗାର ନିଗମର ଜିଲ୍ଲା ପରିଚାଳକ ଗଗନଦୀପ ସିଂହ ରନ୍ଧାୱା ଶନିବାର ପ୍ରତ୍ୟୁଷରେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ଏକ ଭିଡିଓ ଜାରି ହୋଇଥିଲା ଯେଉଁଥିରେ ସେ ଭୁଲ୍ଲରଙ୍କ ଦ୍ୱାରା ନିର୍ଯାତିତ ହୋଇଥିବା ଅଭିଯୋଗ କରିଥିଲେ। ଏହାପରେ ଭୁଲ୍ଲର ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ ନିର୍ଦ୍ଦେଶରେ ମନ୍ତ୍ରିପଦରୁ ଇସ୍ତଫା ଦେଇଥିଲେ।ଶନି ବାର ରାତିରେ ଅମୃତସର ପୁଲିସ ଭୁଲ୍ଲର, ତାଙ୍କ ବାପା ସୁଖଦେବ ସିଂହ ଭୁଲ୍ଲର ଓ ବ୍ୟକ୍ତିଗତ ସହାୟକ ଦିଲବାଗ ସିଂହଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ) ର ଧାରା ୧୦୮ (ଆତ୍ମହତ୍ୟା ପାଇଁ ଉସୁକାଇବା), ୩୫୧ (୩) (ଅପରାଧିକ ଧମକ) ଏବଂ ୩ (୫) ଅନୁଯାୟୀ ମାମଲା ରୁଜୁ କରିଛି। ଇତି ମଧ୍ୟରେ ମାନ ଦୃଢ଼ୋକ୍ତି ବାଢ଼ିଛନ୍ତି ଯେ, ଯଦି କେହି ଆଇନ ଉଲ୍ଲଂଘନ କରନ୍ତି ତେବେ ସେ ଯେକୌଣସି ପଦବିରେ ଥାଆନ୍ତୁ ନା କାହିଁକି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷେ ଭୁଲ୍ଲର କହିଛନ୍ତି, ସେ ମଣ୍ଡି ଗୋବିନ୍ଦଗଡ଼ରେ ଆତ୍ମସମର୍ପଣ କରିଛନ୍ତି ଏବଂ ସେ ଫେରାର ହେବା ଗୁଜବ ମିଛ।

# ୧୦ ହଜାର ଟଙ୍କା କମିଲା ସୁନା ଦର

ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟ ଯୁଦ୍ଧ ପେଟ୍ରୋଲ, ଡିଜେଲ ସମେତ ସେୟାର ବଜାର ନିବେଶକମାନଙ୍କ ଚିନ୍ତା ବଢ଼ାଇଥିବାବେଳେ ସୁନା କିଣିବା ପାଇଁ ଅପେକ୍ଷା କରିଥିବା ଗ୍ରାହକଙ୍କୁ କିଛିଟା ଆଶ୍ୱସ୍ତ କରିଛି। ଆଜି ଦିନକରେ ସୁନା ଦର ୧୦ ହଜାର ଟଙ୍କାରୁ ଅଧିକ ହ୍ରାସ ଘଟିଛି। ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍



ପିଛା ୧୦,୩୨୦ ଟଙ୍କା ହ୍ରାସ ପାଇ ୧,୩୫,୬୫୦ ଟଙ୍କାରେ ରହିଛି। ସେହିଭଳି ୨୨ କ୍ୟାରେଟ୍ ସୁନା ଦର ୯,୪୫୦ ଟଙ୍କା କମି ୧,୨୪,୩୫୦ ଟଙ୍କାରେ ରହିଛି। ଆଜି ଦୁଇଟି ପର୍ଯ୍ୟାୟରେ ଦରରେ ଏହି ବଡ଼ ହ୍ରାସ ଦେଖିବାକୁ ମିଳିଛି। ସେହିଭଳି ରୁପା ଦର କିଲୋଗ୍ରାମ୍ ପିଛା ଆଜି ୨୦ ହଜାର ଟଙ୍କା କମି ୨,୩୦,୦୦୦ ଟଙ୍କା ରହିଛି। ବଜାରରେ ଗତ ୧୮ ତାରିଖରୁ ସୁନା ଓ ରୁପା ଦର କମିବାରେ ଲାଗିଛି। ବାହାଘର, ବ୍ରତଘର ଏବଂ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା ପାଇଁ ସୁନା ଓ ରୁପା କିଣିବାକୁ ଅପେକ୍ଷା କରିଥିବା ଗ୍ରାହକଙ୍କୁ ଏହା କିଛିମାତ୍ରାରେ ଖୁସି ଦେଇଛି। କିନ୍ତୁ ଅଧିକ ରିଟର୍ଣ୍ଣ ପାଇବା ଆଶାରେ ଏହି ଦୁଇ ମୂଲ୍ୟବାନ ଧାତୁରେ ନିବେଶ କରିଥିବା ବ୍ୟକ୍ତିମାନେ ନିରାଶ ହୋଇଛନ୍ତି। ଅନ୍ତର୍ଜାତୀୟ ବଜାରରେ ସୁନା ଦର ଆଜି ଆଉନ୍ସ ପିଛା ୬.୩ ପ୍ରତିଶତ କମି ୪୨୦୩.୨୧ ଡଲାରରେ ରହିଛି

# ନିବେଶକ ଚିନ୍ତାରେ, କ୍ଷତି ସହିଲେ ୧୪ ଲକ୍ଷ କୋଟି

## ୧୮୩୭ ପଏଣ୍ଟ ଖସିଲା ସେନସେକ୍ସ

ମୁମ୍ବାଇ : ଭାରତର ସେୟାର ବଜାରକୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରବଳ ମାତ୍ରାରେ କ୍ଷତି ପହଞ୍ଚାଇଛି। ଆଜି ସେନସେକ୍ସ ଓ ନିଫ୍ଟିରେ ୨ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। ସେନସେକ୍ସ ୨.୪୬ ପ୍ରତିଶତ ବା ୧୮୩୬.୫୭ ପଏଣ୍ଟ ହ୍ରାସ ପାଇ ୭୨୬୯୬.୩୯ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୬୦୧.୮୫ ପଏଣ୍ଟ ହ୍ରାସ ପାଇ ୨୨୫୧୨.୬୫ ପଏଣ୍ଟରେ ବନ୍ଦ ହୋଇଛି। ଏଥିଯୋଗୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକ ବଜାରପୁଞ୍ଜି ଆଜି ଗୋଟିଏ ଦିନରେ ୪୨୯ ଲକ୍ଷ କୋଟି ଟଙ୍କାରୁ ୪୧୫ ଲକ୍ଷ କୋଟି ଟଙ୍କାକୁ ଖସିଆସିଛି। ଅର୍ଥାତ୍ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ନିବେଶକମାନଙ୍କର ପ୍ରାୟ ୧୪ ଲକ୍ଷ କୋଟି ଟଙ୍କାର



ସମ୍ପତ୍ତି ଧୋଇଯାଇଛି। ଗତ ଗୁରୁବାର ସେନସେକ୍ସ ୨୪୯୭ ପଏଣ୍ଟ୍ ଓ ନିଫ୍ଟି ୭୭୬ ପଏଣ୍ଟ ଖସିଥିଲା। ମଧ୍ୟପ୍ରାଚ୍ୟ ଯୁଦ୍ଧ କମିବା ପରିବର୍ତ୍ତେ ଦିନକୁ ଦିନ ଅଧିକ ଜଟିଳ ହେବା ଷ୍ଟକ ବଜାରକୁ କ୍ଷତି ପହଞ୍ଚାଇଛି। ଏଥିସହିତ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସାଂଘାତିକ ଭାବେ କମୁଛି। ବ୍ଲୁମବର୍ଗ ତଥ୍ୟ ଅନୁଯାୟୀ ସୋମବାର ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୨୬ ପଇସା ହ୍ରାସ ପାଇ ରେକର୍ଡ ୯୩ ଟଙ୍କା ୯୭ ପଇସାରେ ପହଞ୍ଚିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ପରଠାରୁ ଭାରତୀୟ ଟଙ୍କା ମୂଲ୍ୟ ପାଖାପାଖି ୩ ପ୍ରତିଶତ ଖସିଗଲାଣି। ଟଙ୍କା ଦୁର୍ବଳ ହେବା ଫଳରେ ଭାରତରେ ଦରଦାମ ବଢ଼ିବା ସହିତ ଅର୍ଥନୈତିକ ଅଭିବୃଦ୍ଧି ପ୍ରଭାବିତ ହେବା ଆଶଙ୍କା ରହିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୧୦ ଡଲାର ଉପରେ ସଂପ୍ରତି ରହିଛି। ଭାରତୀୟ ଅର୍ଥନୀତି, ବିଶେଷକରି ଚଳନ୍ତି ଖାତା ନିଅଣ୍ଟ ଏବଂ ବିତ୍ତୀୟ ନିଅଣ୍ଟ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦ ଡଲାର ବଢ଼ିଲେ ଭାରତର ଜିଡିପି ଅଭିବୃଦ୍ଧି ୦.୩ରୁ ୦.୪ ପ୍ରତିଶତ ହ୍ରାସ ପାଇବା ନେଇ ଆକଳନ କରାଯାଉଛି। ଏସବୁ କାରଣରୁ ବିଦେଶୀ ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରୁ ମୁହଁ ଫେରାଉଛନ୍ତି। ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ୨୦ ତାରିଖ ସୁଦ୍ଧା ସେମାନେ ଭାରତୀୟ ବଜାରରୁ ୧,୦୩,୯୬୭ କୋଟି ଟଙ୍କା ଉଠାଇ ନେଲେଣି। ଏଥିସହିତ ବିଶ୍ୱର ଅନ୍ୟାନ୍ୟ ପ୍ରମୁଖ ସେୟାର ବଜାର ନିମ୍ନମୁଖୀ ହେଉଛି। ଏସବୁ କାରଣରୁ ଭାରତୀୟ ଷ୍ଟକ୍ ବଜାର ତଳକୁ ଖସୁଛି।

